# 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର



**ଅନୁଗୋଳ, ୧୪।୨(ସମିସ)**

ଅନୁଗୋଳ ଜିଲ୍ଲାର ବଂଅରପାଳ ବ୍ଲକ ଅନ୍ତର୍ଗତ ଭୋଗବେରେଣୀ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ତରଫରୁ ପଞ୍ଚାୟତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଭୋଗବେରେଣୀର ସରପଞ୍ଚ ଚାପିଲିନ ସାହୁ, ଜିପିଇଓ ସୁଜାତା ତ୍ରିପାଠି, ଜେଇ ରୋଜାଲିନ ବାରିକ, ବିଏଲସି କୃତାର୍ଥ ବିଶ୍ୱାଳ, ନାଏବ ସରପଞ୍ଚ ଭଗବତୀ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟନିର୍ବାହୀ ଅଧିକାରୀ ବୁଲୁ ସିଂ ପରିଚାଳନା କରିଥିବା ବେଳେ ଏମବିକେ ପ୍ରିୟଦର୍ଶିନୀ ତ୍ରିପାଠୀ ଓ ଜିଆରଏସ୍ ପ୍ରସନ୍ନ ସାହୁ ଓ ଯୁଗଳ ପରିଡ଼ା ପରିଚାଳନାରେ ସହଯୋଗ କରିଥିଲେ। ପଞ୍ଚାୟତର ସମସ୍ତ ଅଙ୍ଗନବାଡ଼ି କର୍ମୀ, ଆଶା ଦିଦି, ସିଆରପି ଦିଦି, ସିଏଚ ଓ ସସ୍ମିତା ହାତୀ, ଏଏନଏମ ନମିତା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏସଏଚଜି ମା' ଭଉଣୀମାନେ ଲାଇଭଲି ହୁଡ୍ ଆକ୍ଟିଭିଟି ଦ୍ୱାରା ବିଭିନ୍ନ ପ୍ରକାର ଷ୍ଟଲ ଲଗାଇଥିଲେ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**କିଶୋରନଗର, ୧୪।୨(ସମିସ):** କିଶୋରନଗର ବ୍ଲକ ଜଏରାଟ ପଞ୍ଚାୟତରେ ଆମ ଓଡିଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ବିଜୟ କୁମାର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏବିଡିଓ ଦିଲୀପ ପ୍ରଧାନ ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବାମୁର ସରପଞ୍ଚ ସଂଜୀବ ପ୍ରଧାନ, ଧଡ଼ରପାଳ ସରପଞ୍ଚ କ୍ଷମାନିଧି ପ୍ରଧାନ, ରଣିଆକଟା ସରପଞ୍ଚ ସୁଲୋଚନା ପ୍ରଧାନ, ଠେଲକନାନାଳୀ ସରପଞ୍ଚ ଅମୀତ ସାହୁ, ବିଲେଇନାଳୀ ସରପଞ୍ଚ ବବିତା ପ୍ରଧାନ, ଜୀବିକା ମିଶନର ସୁଜିତ ପ୍ରଧାନ, ଶିକ୍ଷକ ପବିତ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅଗସ୍ତି ସାହୁ। ଏଥିରେ ବିଭିନ୍ନ ବିଭାଗର ଲାଇନ ଡିପାର୍ଟମେଣ୍ଟର କର୍ମଚାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଉପସ୍ଥିତ ଥିଲେ।



## ଗରିବ ରୋଗୀଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା



**ଅନୁଗୋଳ, ୧୪।୨(ସମିସ):** ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଜିଗୋଳ ଗ୍ରାମର ଖ୍ୟାତିସଂପନ୍ନ ସ୍ନାୟୁଶଲ୍ୟ ବିଶେଷଜ୍ଞ ଡାକ୍ତର ପ୍ରତାପ କୁମାର ପାଣି ପାଲଲହଡ଼ା ଟାଉନରେ ଏକ ଶିବିର କରି ଗରିବ ରୋଗୀଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସେମାନଙ୍କୁ ମାଗଣା ଔଷଧ ପ୍ରଦାନ କରିଛନ୍ତି। ୩ ଶହ ରୋଗୀ ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ସମସ୍ତଙ୍କୁ ଔଷଧ ଦିଆଯାଇଥିଲା। ସୂଚନାଯୋଗ୍ୟ, ଡା.ପାଣି ନିକଟରେ ବିଜେଡିରେ ଯୋଗଦେଇଛନ୍ତି। ସେ ବର୍ଷ ବର୍ଷ ଧରି ମାଗଣା ରୋଗୀସେବା କରିଛନ୍ତି। ଆଗକୁ ମଧ୍ୟ ସେ ରୋଗୀସେବା ଜାରି ରଖିବେ। ଏଥିରେ ତାଙ୍କର ରାଜନୈତିକ ଉଦ୍ଦେଶ୍ୟ ନାହିଁ। ନିଜ ନିର୍ବାଚନ ମଣ୍ଡଳୀରେ ରୋଗୀସେବା କରିବା ତାଙ୍କର ନୈତିକ କର୍ତ୍ତବ୍ୟ ବୋଲି ଡା. ପାଣି କହିଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସରସ୍ୱତୀ ପୂଜା




**ବଅଁରପାଳ, ୧୪।୨(ସମିସ):** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାରମ୍ଭ ସଂସ୍କାର ଯଜ୍ଞରେ ଶିଶୁମାନେ ବାଚନ ପୁସ୍ତିକା ଧରି ଘୋଷ ବାହିନୀର ତାଳ ତାଳରେ ଶୋଭାଯାତ୍ରା ସିଦ୍ଧେଶ୍ୱର ମନ୍ଦିର ଅଭିମୁଖେ ବାହାରିଥିଲା। ସେଠାରେ ପୂଜା କରି ବିଦ୍ୟାଳୟକୁ ଫେରିବା ସମୟରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ସାହୁ ଶିଶୁମାନଙ୍କର ହଳଦୀ ପାଣିରେ ଗୋଡ଼ ଧୋଇ ସ୍ୱାଗତ ଜଣାଇଥିଲେ। ଶିଶୁମାନେ ମା' ସରସ୍ୱତୀଙ୍କୁ ପ୍ରଣାମ କରିଥିଲେ। ସରସ୍ୱତୀ ପୂଜାରେ ବିଦ୍ୟାଳୟ ପୂର୍ବତନ ଓ ନୂତନ ସଦସ୍ୟ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଓ ପରିଚାଳନା ସମିତିର ସମସ୍ତ ସମସ୍ତ ଗରୁଜୀ / ଗୁରୁମା ପ୍ରମୁଖ ଉପସ୍ଥିତ ଥିଲେ।

## ପୁରୁଣା ବସ୍ଷ୍ଟାଣ୍ଡରୁ କାଞ୍ଚନ ଟକିଜ୍ ଛକ ରାସ୍ତା ଜବରଦଖଲ



**ଅନୁଗୋଳ ସଦର, ୧୪।୨(ସମିସ):** ଜନଗହଳିପୂର୍ଣ୍ଣ ପୁରୁଣା ବସଷ୍ଟାଣ୍ଡରୁ କାଞ୍ଚନ ଟକିଜ୍ ଛକ ପର୍ଯ୍ୟନ୍ତ ରାସ୍ତା ଜବରଦଖଲ, ଅସ୍ଥାୟୀ ଦୋକାନ, ଫଳ ବେପାରୀଙ୍କ ଜବରଦଖଲ ଯୋଗୁଁ ପ୍ରତିଦିନ ଟ୍ରାଫିକ ସମସ୍ୟା ଦେଖାଦେବା ସହ ଛୋଟ ବଡ଼ ଦୁର୍ଘଟଣାମାନ ଘଟୁଛି। ପୁରୁଣା ବସଷ୍ଟାଣ୍ଡଟି ସ୍ଥାନାନ୍ତରିତ ହେଲା ପରେ ସମ୍ପୂର୍ଣ୍ଣ ପୁରୁଣା ବସଷ୍ଟାଣ୍ଡଟି ଫଳବାଲାଙ୍କ କବଜାରେ ରହିଛି। ସେହିପରି ରାସ୍ତାର ଦୁଇ ପାର୍ଶ୍ୱରେ ଦୋକାନ ଓ ମଲ୍ କରି ପାର୍କିଂ ସ୍ଥାନ ନଥିବାରୁ ଦୋକାନ ସାମ୍ନାରେ ଛୋଟ ବଡ଼ ଗାଡ଼ି ସବୁ ପାର୍କିଂ କରୁଥିବାରୁ ଅସମ୍ଭାଳ ଭିଡ଼ ଜମୁଛି। ଜନସାଧାରଣ ଏହି ରାସ୍ତାଦେଇ ଯିବାଆସିବା କରିବା ବେଳେ ନାହିଁ ନଥିବା ଅସୁବିଧାରେ ପଡୁଛନ୍ତି। ଜବରଦଖଲ, ବେଆଇନ ପାର୍କିଂ ଓ ଫଳ ଦୋକାନୀଙ୍କୁ ରାସ୍ତାରୁ ହଟାଇବାକୁ ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହେଉଛି।

# ସ୍ମୃତି ସୌରଭ ଉତ୍ସବ ପାଳିତ

**ଅନୁଗୋଳ, ୧୪।୨(ସମିସ):** ଛେଣ୍ଡିପଦା ବ୍ଲକ କୋଶଳା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କଂଶନାଳୀରେ ସ୍ମୃତି ସୌରଭ ଉତ୍ସବ ୨୦୨୪ ବିଦ୍ୟାଳୟ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି। ପୁରାତନ ଛାତ୍ର ଦିଲ୍ଲୀପ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୁବନେତା ତଥା ସମାଜସେବୀ ଅଗସ୍ତି ବେହେରା, ମୁଖ୍ୟ ବକ୍ତା ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ, ସମ୍ମାନିତ ଅତିଥି ସମାଜସେବୀ ଗୋବିନ୍ଦ ନାଏକ ଏବଂ ୨୫ ଜଣ ପୁରାତନ ଶିକ୍ଷକ ଓ ଶିକ୍ଷୟିତ୍ରୀ ମଞ୍ଚାସୀନ ଥିଲେ। ପୁରାତନ ଛାତ୍ର ହରମୋହନ ସାହୁ, ଶୁକଦେବ ସାହୁ, ଭ୍ରମରବର ସାହୁ, ହୃଷୀକେଶ ସାହୁ ପ୍ରମୁଖ ତାଙ୍କ ପୂର୍ବ ସ୍ମୃତି ଓ ଅନୁଭୂତି ବର୍ଣ୍ଣନା କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ଛେଣ୍ଡିପଦା ସୁଶାନ୍ତ କୁମାର ବେହେରା, ମୁଖ୍ୟ ବକ୍ତା ଅବସରପ୍ରାପ୍ତ ଶିକ୍ଷକ ପ୍ୟାରୀମୋହନ ରାଉତ୍, ସମ୍ମାନିତ ଅତିଥି ରୂପେ ପ୍ରଦୀପ କୁମାର ସାହୁ, ଜିଲ୍ଲା ପରିଷଦ ସଦସ୍ୟ କୋଶଳା ଜୋନ, ଉଦିତ କୁମାର ପ୍ରଧାନ, ସରପଞ୍ଚ କୋଶଳା ଗ୍ରାମ ପଞ୍ଚାୟତ, ଭାସ୍କର ସାହୁ ଅବସରପ୍ରାପ୍ତ ଶିକ୍ଷକ ମଞ୍ଚାସୀନ ଥିଲେ। ପୁରାତନ ଛାତ୍ର ସଂସଦ ସଭାପତି ଭାସ୍କର ଚନ୍ଦ୍ର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ମନୋରଞ୍ଜନ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବରୁ ଅନୁଷ୍ଠିତ କ୍ରୀଡ଼ା ତଥା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ବିଜୟ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସୁରେନ୍ଦ୍ର ସାହୁ, ଗଗନ ବେହେରା, ମୋହନ ସାହୁ, ବୁଲା ସାହୁ, ବାବୁଲା ସାହୁ ପ୍ରମୁଖଙ୍କ ସକ୍ରିୟ ସହଯୋଗ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଉତ୍ସବ ପାଳିତ ହୋଇଯାଇଛି। ସଂସଦର ଉପଦେଷ୍ଟା କୁଞ୍ଜବିହାରୀ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ସନ୍ଧ୍ୟାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



## କରଡ଼ାସିଙ୍ଗରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ



**ଆଠମଲ୍ଲିକ, ୧୪।୨(ସମିସ):** ଅନୁଗୋଳ ଜିଲ୍ଲା ଅନ୍ତର୍ଗତ ଆଠମଲ୍ଲିକ ବ୍ଲକ ଜାମୁଡୋଲୀ ଗ୍ରାମପଞ୍ଚାୟତ କରଡ଼ା ସିଙ୍ଗ ଗ୍ରାମ ଖେଳପଡ଼ିଆରେ ମା' ଦକ୍ଷିଣ କାଳୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟର ତୃତୀୟ ଦିବସରେ ପ୍ରଥମ ମ୍ୟାଚ ମଝିପଡ଼ା ଏବଂ ଆଠମଲ୍ଲିକ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଆଠମଲ୍ଲିକ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ବଇଣ୍ଡା ଏବଂ ବାହାଳି ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ବଇଣ୍ଡା ବିଜୟୀ ହୋଇଥିଲା। ସେହିପରି ଆଠମଲ୍ଲିକ ଏବଂ ବଇଣ୍ଡା କ୍ୱାର୍ଟର ଫାଇନାଲ ଖେଳ ହୋଇଥିଲା। ଏଥିରେ ବଇଣ୍ଡା ଆଠ ଓଭରରେ ୮୨ ରନ ସଂଗ୍ରହ କରିଥିବା ବେଳେ ଆଠମଲ୍ଲିକ ୮ ଓଭରରେ ୮୪ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲେ। ଏହି ମ୍ୟାଚରେ ଅମ୍ପାୟାର ଭାବେ ରଞ୍ଜିତ ପ୍ରଧାନ ଏବଂ ଶ୍ରୀକାନ୍ତ ପ୍ରଧାନ ଖେଳ ପରିଚାଳନା କରିଥିଲେ। ସ୍କୋରର ଦାୟିତ୍ୱ ତୁଲାଇଥିଲେ ପ୍ରୀତମ ପ୍ରଧାନ ଏବଂ ଧାରା ବିବରଣୀ ପ୍ରଦାନ କରିଥିଲେ ଅଶୋକ ପ୍ରଧାନ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବୁଲୁ ପ୍ରଧାନ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସଭାପତି ଜୀବନ କୁମାର ଦେହୁରୀ, ସମ୍ପାଦକ ପ୍ରୀତମ ପ୍ରଧାନ, ସଭ୍ୟ ସନ୍ତୋଷ ପ୍ରଧାନ, ଶ୍ରୀକାନ୍ତ ପ୍ରଧାନ, ପାୟଲ ସାହୁ, ଇନ୍ଦ୍ରଜିତ ପ୍ରଧାନଙ୍କ ସମେତ କରଡ଼ାସିଙ୍ଗ ମା' ଦକ୍ଷିଣ କାଳୀ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି କ୍ରିକେଟ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲା ଦୌରାଜଜ୍‌ଙ୍କ ପ୍ରସ୍ତାବିତ ଜେଏମ୍ଏଫ୍‌ସି କୋର୍ଟ ପରିଦର୍ଶନ



**କିଶୋରନଗର, ୧୪।୨(ସମିସ):** କିଶୋରନଗର ସଦର ମହକୁମାରେ ଅସ୍ଥାୟୀ ଭାବେ ବିଜୁ ସ୍ମୃତି ଭବନଠାରେ ହେବାକୁ ଥିବା ଜେଏମଏଫସି କୋର୍ଟ ସ୍ଥାନ ଆଜି ଜିଲ୍ଲା ଦୌରାଜଜ୍ ଦାମୋଦର ରଥ, ରେଜିଷ୍ଟ୍ରାର ଅନୁଗୋଳ ସୁକୁମାର ମହାପାତ୍ର ଓ ଆଠମଲ୍ଲିକ ସବଜଜ୍ ଶୁଭଙ୍କର ମିଶ୍ର ମିଳିତଭାବେ ପରିଦର୍ଶନ କରି ଜେଏମଏଫସି କୋର୍ଟ ଖୁବ ଶୀଘ୍ର କାର୍ୟକାରୀ କରିବା ନେଇ ସ୍ଥାନୀୟ କିଶୋରନଗର ବ୍ଲକ ଆଇନଜୀବୀ ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଯଥାଶୀଘ୍ର ଅସମ୍ପୂର୍ଣ୍ଣ କାର୍ଯ୍ୟ ସାରିବାକୁ କନିଷ୍ଠ ଯନ୍ତ୍ରୀ ବିଜୟ ନିଖଣ୍ଡଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସାଧୁପାଳ ଠାରେ ଥିବା ଆଇନ ବିଭାଗର ରେକର୍ଡ ଜାଗାକୁ ଯାଇ ସ୍ଥିତିକୁ ମଧ୍ୟ ଅନୁଧ୍ୟାନ କରିଥିଲେ। ଏଥିରେ ଆଇନଜୀବୀ ପ୍ରତାପ କୁମାର ପ୍ରଧାନ, ମାଧବ ଚନ୍ଦ୍ର ସାହୁ, ଓମ୍ ଚାନ୍ଦ ପ୍ରଧାନ, ପ୍ରାଣବନ୍ଧୁ ସାହୁ, ନବୀନ ପ୍ରଧାନ, ବିଧୁଭୂଷଣ ବଡ଼ମାଳୀ, କୀର୍ତ୍ତିପାଳ ଦାଶ, ପ୍ରୀତି ଶୌଭାଗିନୀ ପ୍ରଧାନ, ପ୍ରାଣବନ୍ଧୁ ବେହେରା, କୁମୁଦ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତନ ନଗରପାଳଙ୍କ ଜନ୍ମଜୟନ୍ତୀ ପାଳିତ



**ତାଳଚେର ସହର, ୧୪।୨(ସମିସ):** ତାଳଚେର ପୌରାଞ୍ଚଳର ଜଣାଶୁଣା ରାଜନେତା ତଥା ପୂର୍ବତନ ନଗରପାଳ ସ୍ୱର୍ଗତ ପ୍ରଦୀପ୍ତ ପଟ୍ଟନାୟକଙ୍କ ୭୦ତମ ଜନ୍ମ ଜୟନ୍ତୀ ପାଳନ କରାଯାଇଛି। ପୂଜ୍ୟ ପୂଜା ଅନୁଷ୍ଠାନର ସଭାପତି ପୂର୍ବତନ କାଉନସିଲର ଜିତେନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭୀନ୍ନ ରାଜନୈତିକ ଦଳର ନେତାମାନେ ଯୋଗଦେଇ ସ୍ୱର୍ଗତ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ତାଳଚେର ପୌର ପରିଷଦର ଦୁଇ ଦୁଇ ଥର ନଗରପାଳ ଭାବେ କାର୍ଯ୍ୟ ସମ୍ପାଦନ କରି ବହୁ ବିକାଶମୂଳକ କାର୍ଯ୍ୟର ସେ ଛାପ ଛାଡ଼ିଯାଇଛନ୍ତି। ଜଣେ ନିର୍ଭୀକ ରାଜନେତା ସହ ଉଚ୍ଚକୋଟୀର ଅଭିନେତା ଭାବେ ସେ ପରିଚିତ ଥିଲେ। ଆଜି ତାଙ୍କର ଜନ୍ମ ଜୟନ୍ତୀ ତାଳଚେର କାରିଗର ପଡ଼ା ଫ୍ରେଣ୍ଡସ କ୍ଲବ ଠାରେ ପାଳନ କରିବା ଅବସରରେ ବରିଷ୍ଠ ବ୍ୟକ୍ତି ତଥା ପୂର୍ବତନ କାଉନସିଲର ବଳରାମ କୁଣ୍ଡ, ପୂର୍ବତନ ନଗରପାଳ ତଥା କଂଗ୍ରେସ ନେତା କେଶବ ଭୁତିଆ, ଆଠ ନମ୍ବର ୱାର୍ଡ କାଉନସିଲର ସନ୍ତୋଷ ବେହେରା, ବିଜେପି ନେତା ପ୍ରକାଶ ମହାରଣା, ତପନ ମହାରଣା, ଜିତେନ୍ଦ୍ର ମହାପାତ୍ର, ସଞ୍ଜୟ ମହାପାତ୍ର, ସମାଜସେବୀ ପ୍ରଦ୍ୟୁମ୍ନ ଜେନା, ନିଲୋନ କୁମାର ମହାରଣା ବାଦଲ କୁମାର ମହାପାତ୍ର, ସୌଭାଗ୍ୟ ମହାରଣା, ସୁମିତ କୁମାର ସାହୁ, ସନ୍ତୋଷ ମହାପାତ୍ର, କୋମଳ ପଟ୍ଟନାୟକ ପ୍ରମୁଖଙ୍କ ସମେତ ବହୁ ସମର୍ଥକ ଯୋଗଦେଇ ସ୍ମୃତିଚାରଣ କରିଥଲେ।

## ଭୋଟର ସଚେତନତା କାର୍ଯ୍ୟକ୍ରମ



**ଅନୁଗୋଳ, ୧୪।୨(ସମିସ):** ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ପ୍ରଶାସନର ପ୍ରସ୍ତୁତି ସେତିକି ଆଗେଇ ଚାଲିଛି। ଅନୁଗୋଳ ଜିଲ୍ଲାରେ ଆଗାମୀ ନିର୍ବାଚନକୁ ନେଇ ପ୍ରଶାସନ ତରଫରୁ ଭୋଟରମାନଙ୍କୁ ବ୍ୟାପକ ସଚେତନ କରାଯାଉଛି। ମୁଖ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ମାସ ୧୦ ତାରିଖରୁ ଫେବୃଆରୀ ୨୯ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ମତଦାନ କେନ୍ଦ୍ରରେ ଭୋଟର କିଭଳି ଇଭିଏମରେ ନିର୍ଭୁଲ ଭାବେ ଭୋଟ ଦେଇ ପାରିବେ ସେଥିପାଇଁ ସଚେତନ କରାଯାଉଛି। ଏଥିପ୍ରତି ନୂଆ ଭୋଟରଙ୍କ ଆଗ୍ରହ ବଢୁଥିବା ଦେଖିବାକୁ ମିଳୁଛି। ଏହାଛଡା ନୂତନ ଭୋଟରମାନେ ମଧ୍ୟ ଇଭିଏମରେ ଭୋଟ ଦେବା ଜାଣିନାହାନ୍ତି। ଅନେକ ଭୋଟରଙ୍କ ମନରେ ସନ୍ଦେହ ରହୁଛି। ସେମାନେ ଦେଇଥିବା ଭୋଟ ପ୍ରକୃତ ପ୍ରାର୍ଥୀଙ୍କ ପାଖକୁ ଯାଇଛି କି ନାହିଁ। ଭୋଟରଙ୍କ ଏସବୁ ଦ୍ୱନ୍ଦ୍ୱ ଦୂର କରିବାକୁ ମୁଖ୍ୟ ନିର୍ବାଚନ କମିଶନ ଏଭଳି କିଛି ପଦକ୍ଷେପ ଗ୍ରହଣ କରିଛନ୍ତି। ପ୍ରତ୍ୟକ ମତଦାନ କେନ୍ଦ୍ରକୁ ନିର୍ବାଚନ ଦାୟିତ୍ୱରେ ଥିବା କର୍ମଚାରୀମାନେ ଯାଇ ଭୋଟରଙ୍କୁ ସଚେତନ କରାଉଛନ୍ତି। ଇଭିଏମ ନେଇ ଜଣ ଜଣଙ୍କୁ କିଭଳି ଭୋଟ ଦିଆଯିବ ସେନେଇ ଶିଖାଉଛନ୍ତି। ମେସିନରେ କେଉଁ ବଟନ ଦବାଇବେ, ଅନ୍ୟ ଏକ ମେସିନରେ ସେମାନେ ଦେଇଥିବା ଚିହ୍ନ ଦେଖିପାରିବେ ଇତ୍ୟାଦି ଭୋଟରଙ୍କୁ ସଚେତନ କରାଉଛନ୍ତି। ଆସନ୍ତା ଏପ୍ରିଲ ମାସରେ ସମ୍ଭାବ୍ୟ ନିର୍ବାଚନର ଆଶା କରାଯାଉଛି। ତେଣୁ ଭୋଟର ସଚେତନତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ହୋଇଥିବାରୁ ପ୍ରତ୍ୟକ ଦିନ ଗାଁ ଗାଁରେ ଚାଲିଛି ଏହି କାର୍ଯ୍ୟକ୍ରମ।

# ଏନ୍‌ଟିପିସି ଥର୍ମାଲ୍ ପକ୍ଷରୁ ବିଶାଳ ସ୍ୱାସ୍ଥ୍ୟ ଶିବିର

**ଟାଇଁପାଳ, ୧୪।୨(ସମିସ)**

ଏନଟିପିସି ପରିଚାଳନାଧୀନ ତାଳଚେର ଥର୍ମାଲ ପକ୍ଷରୁ ଏକ ବିଶାଳ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜନ କରାଯାଇଛି। ବନ୍ତୁଲ ପଞ୍ଚାୟତର କୁକୁଡୁଲା ଦୋଳମଣ୍ଡପ ପଡିଆ ଠାରେ ଏହି ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଥିଲା ବେଳେ ଏହାକୁ ଏନଟିପିସି ଥର୍ମାଲ ଜିଏମଓ ଆଣ୍ଡ ଏମ କୌଶିକ ମଣ୍ଡଳ, ଉଦଘାଟନ କରିଥିଲେ। ଅତିଥି ଭାବେ ବୋନ୍ତଲ ସରପଞ୍ଚ ଜୟନ୍ତୀଲତା ପ୍ରଧାନ ସମିତି ସଭ୍ୟା ଅମ୍ରିତା ପାଣି, ପ୍ରମୁଖ ଯୋଗଦେଇ ଏନଟିପିସି ଥର୍ମାଲ ପକ୍ଷରୁ ଏହି ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇଥିବାରୁ ପ୍ରଶଂସା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସିଏମଓ ଭାରତୀ ସିଙ୍ଗ, ଏଜିଏମ ମାନବ ସମ୍ବଳ ରୋହିତ କୁମାର, ଡିଜିଏମ ଆର ଆଣ୍ଡ ଆର ସାକେତ ଜି ଯୋଗ ଦେଇଥିବା ବେଳେ ଆଶାଲୋକ ଚିକିତ୍ସାଳୟର ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମାଜସେବୀ ସୁଧୀର ରଞ୍ଜନ ବଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଜରିଆରେ ଜନସାଧାରଣ ଏଥିରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।






Skilled in ODISHA

**ଜିଲ୍ଲାସ୍ତରୀୟ କ୍ଷୁଦ୍ର ନିଯୁକ୍ତି ମେଳା-୨୦୨୩-୨୪**

**ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ, ଓଡ଼ିଶା**

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକାରୀଙ୍କ ଆନୁକୁଲ୍ୟରେ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ, କଟକଙ୍କ ଦ୍ୱାରା ଜିଲ୍ଲା ପ୍ରଶାସନ କଟକଙ୍କ ସହଯୋଗରେ ଆସନ୍ତା **ତା.୧୬.୦୨.୨୦୨୪ରିଖ (ଶୁକ୍ରବାର)** ଦିନ ବାଙ୍କୀ ବ୍ଲକ୍ କଚେରୀ ପଡ଼ିଆ, ବାଙ୍କୀ ଓ **ତା.୧୭.୦୨.୨୦୨୪ରିଖ (ଶନିବାର)** ଦିନ ନିଶ୍ଚିନ୍ତ କୋଇଲି ବ୍ଲକ୍ ନିକଟ ପଡିଆଠାରେ ଜିଲ୍ଲାସ୍ତରୀୟ କ୍ଷୁଦ୍ର ନିଯୁକ୍ତି ମେଳା ଆୟୋଜନ କରାଯାଉଛି । ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ କେତେକ ନିଯୁକ୍ତି ଦାତାମାନେ ଯୋଗଦେବେ। ନିଯୁକ୍ତ ଦାତାଙ୍କ ମଧ୍ୟରୁ କେତେକ ନିଯୁକ୍ତିଦାତା ସିଧାସଳଖ ନିଯୁକ୍ତି ଦେବେ ଓ ଆଉ କେତେକ ନିଯୁକ୍ତି ଭିତ୍ତିକ ତାଲିମ୍ ପରେ ନିଯୁକ୍ତି ଦେବାପାଇଁ ବ୍ୟବସ୍ଥା ରହିଛି ।

ଏହି ନିଯୁକ୍ତି ମେଳାରେ ଜିଲ୍ଲାର ସମସ୍ତ ବ୍ଲକ ଓ ସହରାଞ୍ଚଳରେ ଥିବା ପଞ୍ଚମ ଶ୍ରେଣୀଠାରୁ +୩ ପାସ୍, ଆଇ.ଟି.ଆଇ. ଓ ଡିପ୍ଲୋମା ପାସ୍ କରିଥିବା ୧୮ ବର୍ଷରୁ ୩୫ ବର୍ଷ ମଧ୍ୟରେ ଇଚ୍ଛୁକ ଥିବା ପ୍ରାର୍ଥୀ / ପ୍ରାର୍ଥିନୀମାନେ ଅଂଶଗ୍ରହଣ କରିପାରିବେ।

ଏଣୁ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥୀନୀମାନେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର, ଆଧାରକାର୍ଡ ଓ ନିଜର ପାସ୍‌ପୋର୍ଟ ଫଟୋ ସହିତ ଉକ୍ତ ନିଯୁକ୍ତି ମେଳାରେ **ସକାଳ ୧୦ ଘଟିକା ଠାରୁ ଅପରାହ୍ନ ୩ ଘଟିକା** ମଧ୍ୟରେ ଯୋଗଦେଇ ନିଯୁକ୍ତିର ସୁଯୋଗ ନେବାକୁ ଅନୁରୋଧ।

**ପ୍ରକାଶ ଥାଉକି : ଏହି ସୁଯୋଗ ସରକାରୀ ଚାକିରୀ ନିମନ୍ତେ ଉଦ୍ଦିଷ୍ଟ ନୁହେଁ।**

ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ, କଟକ — ଜିଲ୍ଲା ପ୍ରଶାସନ, କଟକ

ଯୋଗାଯୋଗ: ୦୬୭୧-୨୩୬୦୦୭୭

# ବୁଢ଼ୀ ଠାକୁରାଣୀଙ୍କ ବାର୍ଷିକ ଉତ୍ସବ



**ହିନ୍ଦୋଳ,୧୪।୨ (ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ସତମାଇଲ ସ୍ଥିତ ଆରାଧ୍ୟ ଦେବୀ ବ୍ରାହ୍ମଣୀଦେବୀ ଠାକୁରାଣୀଙ୍କ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ଶ୍ରୀପଞ୍ଚମୀ ତିଥିରେ ବାଘଧରିଆ ସ୍ଥିତ ସତମାଇଲ ଛକ ନିକଟରେ ଅଞ୍ଚଳର ଆରାଧ୍ୟ ଠାକୁରାଣୀ ବ୍ରାହ୍ମଣୀ ଦେବୀଙ୍କ ବାର୍ଷିକ ପୂଜା ରୀତିନୀତି ପୂର୍ବକ ଅନୁଷ୍ଠିତ ହୋଇଥିଲା। ସକାଳ ସମୟରେ ଶୋଭାଯାତ୍ରା କରାଯିବା ସହିତ ଘଣ୍ଟବାଦ୍ୟ ଦ୍ୱାରା ଗ୍ରାମରୁ ଠାକୁରାଣୀଙ୍କ ଆଳମ କରାଯାଇ ଠାକୁରାଣୀଙ୍କ ମନ୍ଦିରକୁ ଅଣାଯାଇଥିଲା। ମନ୍ଦିରର ନିତ୍ୟ ପୂଜକ ଶୁକଦେବ ଦେହୁରୀ ମନ୍ଦିରର ପୂଜାର୍ଚ୍ଚନା କରିଥିବା ବେଳେ ବହୁ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମ ପରିବେଷଣ କରାଯାଇଥିଲା। ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଉପସ୍ଥିତ ରହି ଶ୍ରଦ୍ଧାଳୁମାନଙ୍କୁ ଉତ୍ସାହିତ କରିଥିଲେ। ଗ୍ରାମର ସନାତନ ସାହୁ, ଭଜକିଶୋର ସାହୁ, ଗାଣ୍ଡୁ ସାହୁ ପ୍ରମୁଖ ଓ ବାଘଧରିଆ ଗ୍ରାମବାସୀ ସହଯୋଗ କରିଥିଲେ।

# ଗୋଁଣ୍ଡ ସମାଜ ଗୋଷ୍ଠୀକେନ୍ଦ୍ର ପାଇଁ ୭୫ ଲକ୍ଷର ଅନୁଦାନ

**ଆଠମଲ୍ଲିକ,୧୪।୨(ସମିସ)**

ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀ ଆମ୍ରସରମୁଣ୍ଡା ଠାରେ ଗୋଁଣ୍ଡ ସମାଜର ନୂତନ ନିର୍ମିତ ଜଙ୍ଘା ବଡ଼ଦେଓ ମନ୍ଦିର ଇତିମଧ୍ୟରେ ପ୍ରତିଷ୍ଠା ହୋଇସାରିଛି । ପ୍ରତିଷ୍ଠା ଉତ୍ସବର ଶେଷ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଗତ ୧୫ ଜାନୁଆରୀରେ ରାଜ୍ୟ ସରକାରଙ୍କ ୨ ଜଣ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଜଗନ୍ନାଥ ସାରକା ଅନୁଗୋଳ ଜିଲ୍ଲାର ୪ ବିଧାୟକ, ବରିଷ୍ଠ ବିଜେଡି ନେତା ନଳିନୀକାନ୍ତ ପ୍ରଧାନ ଜଙ୍ଘା ବଡ଼ଦେଓ ମନ୍ଦିର ଯାଇ ଠାକୁର ଦର୍ଶନ କରିଥିଲେ । ସେଠାରେ ଉପସ୍ଥିତ ଗୋଁଣ୍ଡ ସମାଜର କର୍ମକର୍ତ୍ତା ମନ୍ଦିରର ବିଭିନ୍ନ ସମସ୍ୟା ବିଷୟରେ ସେମାନଙ୍କୁ କହିଥିଲେ । ପରେ ଗତ ଜାନୁଆରୀ ୨୨ ତାରିଖରେ ନଳିନୀକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ଗୋଁଣ୍ଡ ସମାଜ ବ୍ୟକ୍ତି ଭୁବନେଶ୍ୱର ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫- ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଜଙ୍ଘା ବଡ଼ଦେଓ ମନ୍ଦିରର ପାରିପାର୍ଶ୍ୱିକ ଭିତ୍ତିଭୂମିର ଉନ୍ନତି, ଗୋଁଣ୍ଡ ସମାଜ ପାଇଁ ରାଜଧାନୀରେ ଜମି ଓ ଗୋଁଣ୍ଡ ସମାଜ ପାଇଁ ମନ୍ଦିର ପରିସରରେ ଏକ ଗୋଷ୍ଠୀକେନ୍ଦ୍ର ନିର୍ମାଣ ପାଇଁ ଦାବି ଉପସ୍ଥାପନା କରିଥିଲେ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ଚନ୍ଦ୍ରଶେଖରପୁରଠାରେ ୫୦ ଡେସିମିଲ ଜମି ଯୋଗାଇଥିବା ବେଳେ ଗତ ମଙ୍ଗଳବାର ଜଙ୍ଘା ବଡଦେଓ ମନ୍ଦିର ନିକଟରେ ଏକ ଗୋଷ୍ଠୀକେନ୍ଦ୍ର ନିର୍ମାଣ ପାଇଁ ୭୫ ଲକ୍ଷ ଟଙ୍କା ଅନୁଦାନ ରାଶି ମଞ୍ଜୁର କରିଥିବା ଜଣାଯାଇଛି । ଗୋଷ୍ଠୀକେନ୍ଦ୍ର ପାଇଁ ୭୫ ଲକ୍ଷ ଅନୁଦାନ ଘୋଷଣା ପରେ ଗୋଁଣ୍ଡ ସମାଜ ପକ୍ଷରୁ ଅକ୍ଷୟ ନାୟକ, ଯଦୁମଣି ନାୟକ, ରସାନନ୍ଦ ନାୟକ, ବିଦ୍ୟାଧର ନାୟକ, ଲମ୍ବୋଦର ନାୟକ, କୈଳାସ ନାୟକ, ଶରତ ନାୟକ, ଗଣେଶ୍ୱର ନାୟକ, ଗିରିଶ ନାୟକ, ପ୍ରତାପ ନାୟକ, ଅମୂଲ୍ୟ ନାୟକ, ସାଗର ନାୟକ ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫- ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ନଳିନୀ କାନ୍ତ ପ୍ରଧାନଙ୍କୁ ସାଧୁବାଦ ଜଣାଇଛନ୍ତି ।

## ଚୋରା ବାଲି ବୋଝେଇ ଟ୍ରକ୍ ଜବତ, ଦୁଇ ଗିରଫ

**କଣିହାଁ, ୧୪।୨(ସମିସ):** କଣିହାଁ ବ୍ଲକ ଏନଟିପିସି ଥାନା ତରଫରୁ ମଙ୍ଗଳବାର ବିଳମ୍ବିତ ରାତିରେ ପାଟ୍ରୋଲିଂ ବେଳେ ଟୋଲକବେଢ଼ା ନିକଟରେ ଏକ ବାଲି ବୋଝେଇ ଟ୍ରକକୁ ପୁଲିସ ଜବତ କରିବା ସହିତ ଏଥିରେ ସଂପୃକ୍ତ ମାଲିକ ଓ ଚାଳକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ମାଲିକ ହେଉଛନ୍ତି କଣିହାଁ ଥାନା ଝରାବେରେଣୀ ଗ୍ରାମର ପ୍ରେମାନନ୍ଦ ପ୍ରଧାନ ଓ ଚାଳକ ହେଉଛନ୍ତି ଗୁଣ୍ଡୁରୀ ଗ୍ରାମର ସୁମନ ସାହୁ । ଜବତ ହୋଇଥିବା ଟ୍ରକ୍ ନମ୍ବର ଓଡି ୩୫ ୨୬୨୭ । ଏହା ନିକଟସ୍ଥ ମଣ୍ଡୁଆ ଘାଟରୁ ବେଆଇନ ଭାବେ ବାଲି ବୋଝେଇ କରି ବିଭିନ୍ନ ସ୍ଥାନକୁ ଯାଉଥିବା ବେଳେ ଟୋଲକବେଡା ଠାରେ ପୁଲିସ ଏହାକୁ ଜବତ କରିଥିଲା । ଏନେଇ ଥାନାରେ କେସ ନମ୍ବର ୨୭/୨୦୨୪ ରେ ମାମଲା ରୁଜୁ ହୋଇଥିବା ଥାନା ସୂତ୍ରରୁ ପ୍ରକାଶ ।

## ସାହିତ୍ୟିକଙ୍କ ବିୟୋଗରେ ଶୋକ

**କଣିହାଁ, ୧୪।୨(ସମିସ):** ଅନୁଗୋଳ ଜିଲ୍ଲା କଣିହା ବ୍ଲକ ଉତ୍କଳ ସାମ୍ବାଦିକ ସଂଘ କଣିହା ଶାଖା ପକ୍ଷରୁ କଣିହା ପ୍ରେସ କ୍ଲବ ପରିସରରେ ବୁଧବାର ଅପରାହ୍ନରେ ବିଶିଷ୍ଟ ସାହିତ୍ୟିକ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି, ପ୍ରାକ୍ତନ କେନ୍ଦ୍ର ସାହିତ୍ୟ ଏକାଡେମୀ ପରାମର୍ଶ ପରିଷଦ ସଭ୍ୟ ସାତକୋଡ଼ି ହୋତାଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଉତ୍କଳ ସାମ୍ବାଦିକ ସଂଘ କଣିହା ଶାଖାର ସଭାପତି କେସି ସାମଲ ଅଧ୍ୟକ୍ଷତା କରିଥିଲେ । ସମ୍ପାଦକ ଜ୍ୟୋତି ରଞ୍ଜନ ଧର ସ୍ୱର୍ଗତ ହୋତାଙ୍କ ବିୟୋଗରେ ସ୍ମୃତିଚାରଣ କରିଥିଲେ । ତାଙ୍କ ବିୟୋଗରେ ଓଡ଼ିଆ ସାହିତ୍ୟ ଗଳ୍ପ ଉପନ୍ୟାସ ଜାଗତରେ ଅପୂରଣୀୟ କ୍ଷତି ହୋଇଛି ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ । ଏହି ଶୋକ ସଭାରେ ବରିଷ୍ଠ ସାମ୍ବାଦିକ କାର୍ଯ୍ୟକାରୀ ସଭାପତି ଟୁନା ସାହୁ,ଅଲେଖ ଭୂତିଆ, ସହ ସମ୍ପାଦକ ସଚିଦାନନ୍ଦ ପ୍ରଧାନ, ସୂର୍ଯ୍ୟମଣି ସାହୁ, ମହେଶ୍ୱର ନାଏକ, ଶିଶିର କୁମାର ସାମଲ, ନିରୋଜ କୁମାର ପ୍ରଧାନ, ଟିକନ ସାହୁ, ସୁଶୀଲ କୁମାର ନାଏକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## କୋଇଲା ଡିପୋରୁ ୮ ଟନ୍ ଚୋରା କୋଇଲା ଜବତ

**ଛେଣ୍ଡିପଦା,୧୪।୨(ସମିସ):** ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏକ ଚୋରା କୋଇଲା ଡିପୋ ଉପରେ ଚଢ଼ଉ କରିବା ସହ ୮ ଟନରୁ ଊର୍ଦ୍ଧ୍ୱ ଚୋରା କୋଇଲା ଜବତ କରିଛି । ଘଟଣାରୁ ପ୍ରକାଶ ଯେ, ବାଗଡ଼ିଆ ଥାନା ପୁଲିସ ବରସାହି ଗ୍ରାମ ପଞ୍ଚାୟତର ସାମଲମଳିହା ଠାରେ ଥିବା ଏକ ମହୁଲ ବୁରିରେ ବେଆଇନ ଭାବେ ଥିବା ଏକ କୋଇଲା ଡିପୋରେ ଚଢ଼ଉ କରିଥିଲା । ଚଢ଼ଉ ବେଳେ ପୁଲିସକୁ ଦେଖି କୋଇଲା ମାଫିଆମାନେ ଅନ୍ଧାରରେ ଫେରାର ହୋଇଯାଇଥିବା ବେଳେ ପୁଲିସ ସେଠାରେ ଗଚ୍ଛିତ ଥିବା ୮ ଟନରୁ ଊର୍ଦ୍ଧ୍ୱ ଚୋରା କୋଇଲାକୁ ଜବତ କରି ଥାନାକୁ ଆଣିଥିଲା । ପୁଲିସ ପ୍ରାଥମିକ ତଦନ୍ତରୁ ମାଟି ଇଟା ତିଆରି କରିବା ପାଇଁ ପାତ୍ରପଡ଼ା ମାଦେଳିଆ ନାଳରୁ କୋଇଲା ଚୋରି କରିଆଣି ଗଚ୍ଛିତ ରଖିଥିବା ପ୍ରକାଶ କରିଛି । ଏ ନେଇ ପୁଲିସ ବାଗଡ଼ିଆ ଥାନା କେସ ନଂ ୩୮/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।

## ଦମ୍ପତିଙ୍କୁ ମହିଳା ଏଏସ୍ଆଇଙ୍କ ମାଡ଼

● ବାଗଡ଼ିଆ ଥାନାରେ ଅଭିଯୋଗ

**ଛେଣ୍ଡିପଦା,୧୪।୨(ସମିସ):** ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନାରେ ଅଭିଯୋଗ କରି ଆସିଥିବା ଦମ୍ପତିଙ୍କୁ ମହିଳା ଏଏସଆଇ ମାଡ଼ ମାରିଥିବା ନେଇ ପିପଳ ବାହଳ ଗ୍ରାମର ଦମ୍ପତି ଲିଖିତ ଅଭିଯୋଗ କରିଛନ୍ତି। ଘଟଣାରୁ ପ୍ରକାଶ ଯେ, ପିପଳବାହଳ ଗ୍ରାମରେ ଜମି ଭଗବଣ୍ଟାକୁ କେନ୍ଦ୍ରକରି ପାଟିତୁଣ୍ଡ ହେବାରୁ ପୁତୁରାଙ୍କ ନାମରେ ବାଗଡ଼ିଆ ଥାନାରେ ଅଭିଯୋଗ କରିବାକୁ ଦମ୍ପତି ଆସିଥିଲେ। ଏନେଇ ଉଭୟ ଗୋଷ୍ଠୀଙ୍କୁ ବୁଧବାର ପୂର୍ବାହ୍ନରେ ଥାନାରେ ହାଜର ହେବା ପାଇଁ ଥାନା ପକ୍ଷରୁ ଫୋନ ଯାଇଥିଲା। କିନ୍ତୁ ଅଭିଯୋଗକାରୀ ଥାନାକୁ ଆସିବା ପାଇଁ ଗାଡ଼ି ନ ପାଇବାରୁ ସନ୍ଧ୍ୟାରେ ଥାନାରେ ହାଜର ହୋଇଥିଲେ। ଏହି ସମୟରେ ମହିଳା ଥାନା ଏଏସ୍ଆଇ କାହିଁକି ବିଳମ୍ବରେ ପହଞ୍ଚିଲ କହି ଗାଳି କରିବା ସହ ୨ ଚାପୁଡ଼ା ପକାଇଥିଲେ। ବୁଧୁଙ୍କୁ ମାଡ଼ ମାରୁଥିବା ବେଳେ ତାଙ୍କ ସ୍ତ୍ରୀ ଦେବକୀ ପ୍ରତିବାଦ କରିବାରୁ ସେ ମଧ୍ୟ ଚାପୁଡ଼ା ଖାଇଥିଲେ। ଏହା ଦେଖି ଅନ୍ୟ କର୍ମଚାରୀ ଜଣେ ଛଡାଇଥିଲେ। ପରେ ଏଏସଆଇ ଉଭୟ ଦମ୍ପତିଙ୍କୁ ଥାନା ଭିତରୁ ବାହାରକୁ ବାହାର କରି ଦେଇଥିଲେ। ଏନେଇ ଦମ୍ପତି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବାଗଡ଼ିଆ ଥାନା ଅଧିକାରୀ ବିପ୍ଳବ ସାହୁଙ୍କୁ ଯୋଗାଯୋଗ କରିବାରୁ ବାହାରକୁ ଆସିଛି, ଥାନାକୁ ଗଲେ କ'ଣ ହୋଇଛି ବୁଝିବି ବୋଲି ପ୍ରକାଶ କରିଥିଲେ।

## ଏକଦିବସୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ
# ବାସନ୍ତୀ ଭଲିବଲ ଟ୍ରଷ୍ଟ ଚାମ୍ପିଅନ



**ଅନୁଗୋଳ, ୧୪।୨ (ସମିସ):** ଛେଣ୍ଡିପଦା ବ୍ଲକ ସନ୍ତରାବନ୍ଧ ଗାଁରେ ଏକ ଦିବସୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ବ୍ଲକ ଚେୟାରମ୍ୟାନ ସୁମିତ୍ରା ସାହୁ ଓ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ସାହୁ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଅନୁଗୋଳ ବାସନ୍ତୀ ଭଲିବଲ ଟ୍ରଷ୍ଟ, ସନ୍ତରାବନ୍ଧ, କସିଡ଼ିହ, ପଥରମୁଣ୍ଡା, ଗୋବରା, ଟାଟା ଷ୍ଟିଲ, ବ୍ରାହ୍ମଣବିଲ ଆଦି ଟିମ୍ ଭାଗନେଇଥିଲେ। ଦୁଇଟି ଗ୍ରୁପରେ ଗ୍ରୁପ ଚାମ୍ପିଅନ ହୋଇ ଅନୁଗୋଳ ବାସନ୍ତୀ ଭଲିବଲ ଟ୍ରଷ୍ଟ ଓ ସନ୍ତରାବନ୍ଧ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚରେ ଅନୁଗୋଳ ବାସନ୍ତୀ ଭଲିବଲ ଟ୍ରଷ୍ଟ ୨-୧ ସେଟରେ ସନ୍ତରାବନ୍ଧକୁ ହରାଇ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା। ଉଦଯାପନୀ ଉତ୍ସବରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା ମୁଖ୍ୟ ଅତିଥି, ବିଜେପି ନେତା ଚୌଧୁରୀ ପ୍ରଧାନ, ସନ୍ତରାବନ୍ଧ ଗାଁ ସଭାପତି ଆଦି ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଅନୁଗୋଳ ବାସନ୍ତୀ ଭଲିବଲ ଟ୍ରଷ୍ଟର ବିବେକ ବେଷ୍ଟ ଆଟାକର , ସୁଶାନ୍ତ ବେଷ୍ଟ ଲିବେରୋ ଓ ସନ୍ତରାବନ୍ଧର ବ୍ରାମହାନନ୍ଦ ବେଷ୍ଟ ସେଟର ଭାବେ ପୁରସ୍କୃତ ହୋଇଥିଲେ ।

## ଭାରତ ବିକାଶ ପରିଷଦ ପକ୍ଷରୁ ରକ୍ତଦାନ ଶିବିର



**ଅନୁଗୋଳ, ୧୪।୨(ସମିସ):** ଭାରତ ବିକାଶ ପରିଷଦ, ଅନୁଗୋଳ ଶାଖା ଆନୁକୂଲ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥିତ ରକ୍ତ ଭଣ୍ଡାରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଉକ୍ତ ଶିବିରରେ ୨୪ ଜଣ ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରାଯାଇଥିଲା। ସଂଯୋଜକ ଚିତ୍ତରଞ୍ଜନ ଆଚାର୍ଯ୍ୟ, ସହ ସଂଯୋଜକ ହୃଦାନନ୍ଦ ପଣ୍ଡା, ପରିଷଦର ଉପାଧ୍ୟକ୍ଷ ଭରତ ଚନ୍ଦ୍ର ଗଡ଼ନାୟକ, ସମ୍ପାଦକ ବିଜୟ ମୋଦୀ, କ୍ଷୀରୋଦ ପ୍ରଧାନ, ବିଜୟ ରାଉତ, ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ବିଜେପି ରାଜ୍ୟ ପରିଷଦରୁ ଇସ୍ତଫା ଦେଲେ ଗୋବିନ୍ଦ ନାଏକ

**ଛେଣ୍ଡିପଦା,୧୪।୨(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ଗୋବିନ୍ଦ ନାଏକ ବିଜେପିର ରାଜ୍ୟ ପରିଷଦ



ସଦସ୍ୟ ଓ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ବୁଧବାର ଏକ ସାମ୍ବାଦିକ ସମ୍ମିଳନିରେ ସୂଚନା ଦେଇଛନ୍ତି। ଇସ୍ତଫା ଦେବାବେଳେ ବିଜେପିର ରାଜ୍ୟ ପରିଷଦ ସଦସ୍ୟ ଗୋବିନ୍ଦ ନାଏକଙ୍କ ଦୁଃଖ ମଧ୍ୟ ବାରି ହୋଇପଡ଼ିଥିଲା। ଇସ୍ତଫା ପରେ ଗୋବିନ୍ଦ ନାଏକ କହିଛନ୍ତି ଯେ ଆଜି ତାଙ୍କ ହୃଦୟ ବେଶ୍ ଭରିଯାଇଛି। ଏଥିସହିତ ଗୋବିନ୍ଦ ନାଏକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବିଜେପିର ଶୀର୍ଷ ନେତୃତ୍ୱଙ୍କୁ ଧନ୍ୟବାଦ ଜଣାଇବା ସହ ଦଳରେ ଥିବାବେଳେ ତାଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଦିଆଯାଇଥିବାରୁ ଦଳର ନେତାମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଗୋବିନ୍ଦ ନାଏକ କହିଛନ୍ତି, 'ମୁଁ ଦଳରେ ଥାଇ ମଧ୍ୟ ମୋତେ ଅଣଦେଖା କରାଯାଉଥିବାରୁ ମୁ ବିଜେପିରୁ ବିଦାୟ ନେଉଛି । ମୁଁ ବିଜେପି ମାଧ୍ୟମରେ ମୋର ରାଜନୈତିକ ଯାତ୍ରା ଆରମ୍ଭ କରିଥିଲି। ମୋ ଉପରେ ଦଳ ଆସ୍ଥା ପ୍ରକଟ କରିଥିବାରୁ ମୁଁ ପ୍ରଧାନମନ୍ତ୍ରୀ, ଦଳର ସଭାପତି ଏବଂ ଅମିତ ଶାହାଙ୍କୁ ମଧ୍ୟ ଧନ୍ୟବାଦ ଦେଉଛି। ସେ ତାଙ୍କର ଇସ୍ତଫା ପତ୍ର ରାଜ୍ୟ ବିଜେପି କାର୍ଯ୍ୟାଳୟ ଓ ଅନୁଗୋଳ ଜିଲ୍ଲା ବିଜେପି କାର୍ଯ୍ୟାଳୟକୁ ଚିଠି ମାଧ୍ୟମରେ ପଠାଇ ଦେଇଛନ୍ତି । ବିଜେପିରୁ ବିଦାୟ ନେବାବେଳେ ଗୋବିନ୍ଦ ନାଏକ କୌଣସି ରାଜନୈତିକ ଦଳରେ ଏବେ ଯୋଗଦେବେ ନାହିଁ ବୋଲି ପ୍ରକାଶ କରିଥିଲେ।

## ଲକ୍ଷ୍ମୀପୂଜା ମଣ୍ଡପରେ ଅଷ୍ଟପ୍ରହର ନାମଯଜ୍ଞ

**ପାଲଲହଡ଼ା, ୧୪।୨(ସମିସ):** ପାଲଲହଡ଼ା ଶାସନ ସାହି ରାଣୀପାର୍କ ସ୍ଥିତ ଲକ୍ଷ୍ମୀପୂଜା ମଣ୍ଡପ ଠାରେ ସପ୍ତମ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ମାଘ ମାସ ଶୁକ୍ଳପକ୍ଷ ଶ୍ରୀପଞ୍ଚମୀ ତିଥିରେ ପାଲଲହଡ଼ା ଶାସନ ସାହି ପୂଜା କମିଟି ତରଫରୁ ରାଣୀପାର୍କ ସ୍ଥିତ ପୂଜାମଣ୍ଡପ ଠାରେ ଶ୍ରୀ ନିତାଇ ଗୌରାଙ୍ଗ ମହାପ୍ରଭୁଙ୍କ ସପ୍ତମ ବର୍ଷ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ମଙ୍ଗଳବାର ଅଧିବାସ ନାମଯଜ୍ଞ ପାଇଁ କଳସ ସ୍ଥାପନ କରାଯାଇଥିବା ବେଳେ ଏଥିରେ ଶତାଧିକା ମହିଳା ଭାଗ ନେଇଥିଲେ। ଖଗେଶ୍ୱର ଦାସ ଓ ରୋଜାଲିନ ଦାସ କର୍ତ୍ତା ଭାବରେ ପୂଜା ସମ୍ପାଦନା କରିଥିଲେ। ସକାଳ ପ୍ରହରରୁ ଆଖ ପାଖ ଖମାର ଓ ପାଲଲହଡା ଅଞ୍ଚଳ ତଥା ଜିଲ୍ଲା ବାହାର ଦେବଗଡ଼, କେନ୍ଦୁଝରର ୪୫ ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିବା ଦେଖିବାକୁ ମିଳିଛି। ଅଷ୍ଟପ୍ରହର ନାମଯଜ୍ଞ ବୁଧବାର ସକାଳ ପ୍ରହରଠାରୁ ଗୁରୁବାର ସକାଳ ପ୍ରହର ପର୍ଯ୍ୟନ୍ତ ଚାଲିବା ସହିତ ଗୁରୁବାର ନଗର ପରିକ୍ରମା କରାଯାଇ ଦଧିଭାଣ୍ଡ ଭଞ୍ଜନ କାର୍ଯ୍ୟକ୍ରମ ରହିଛି। ତିନିଦିନ ଧରି ପ୍ରସାଦସେବନର ବ୍ୟବସ୍ଥା ରହିଛି ବୋଲି କମିଟି ସଭାପତି ସୌଭାଗ୍ୟ ଚନ୍ଦ୍ର ମହାକୁଳ ସୂଚନା ଦେଇଥିଲେ।

## ଯାଦବ ମହାସଂଘର ପ୍ରସ୍ତୁତି ବୈଠକ

**ତାଳଚେର ସଦର, ୧୪।୨(ସମିସ):** ତାଳଚେରରେ ବସବାସ କରୁଥିବା ଯାଦବମାନଙ୍କୁ ନେଇ ପଶ୍ଚିମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଯାଦବ ମହାସଙ୍ଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସଭାପତି ଗିରିଶ ଭୂତିଆ ସଭାପତିତ୍ୱ କରିଥିଲେ। ଯାଦବଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ସମାଧାନ ସମ୍ପର୍କରେ ଯାଦବ ସଦସ୍ୟ ମତବ୍ୟକ୍ତ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଯାଦବ ଭବନ ନିର୍ମାଣ ପାଇଁ ନିଆଯାଇଥିବା ପଦକ୍ଷେପକୁ ସମସ୍ତେ ସ୍ୱାଗତ କରିବା ସହ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ରାଜ୍ୟ ସରକାର ଯାଦବ ଭବନ ନିମନ୍ତେ ଅର୍ଥ ମଞ୍ଜୁର କରିଥିବାରୁ ନଗରପାଳ, ବିଧାୟକ, ସାଂସଦ ଓ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ବୈଠକରେ ବାନାମ୍ବର ଭୂତିଆ, ରାମଚନ୍ଦ୍ର ଭୂତିଆ, ଉଗ୍ରସନ ବେହେରା ପ୍ରମୁଖ ଭାଗ ନେଇଥିଲେ। ଆଗାମୀ ଦିନରେ ତାଳଚେର ଉପଖଣ୍ଡର ସମସ୍ତ ଯାଦବ ଭାଇଙ୍କୁ ନେଇ ପୂର୍ଣ୍ଣାଙ୍ଗ ବୈଠକ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା।




● ହାସ୍ୟାଭିନେତା ଇନ୍ଦ୍ରମଣି ବେହେରାଙ୍କ ଆଶୁ ଆରୋଗ୍ୟ କାମନା

# ହନୁମାନଙ୍କ ନିକଟରେ ସାମୂହିକ ଦୀପ ପ୍ରଜ୍ୱଳନ

**ଢେଙ୍କାନାଳ,୧୪।୨(ସମିସ)**



ଢେଙ୍କାନାଳ ଜିଲ୍ଲାର ବିଶିଷ୍ଟ ହାସ୍ୟ ଅଭିନେତାଙ୍କ ଆଶୁ ଆରୋଗ୍ୟ ଲାଭ ପାଇଁ ହନୁମାନଙ୍କ ପାଖରେ ସାମୂହିକ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପ୍ରାର୍ଥନା କରାଯାଇଛି। ଢେଙ୍କାନାଳ ସହରର ପୂର୍ବତନ ନଗରପାଳ ଇନ୍ଦ୍ରମଣି ବେହେରା ଗତ କିଛିଦିନ ହେବ ଅସୁସ୍ଥତା ଯୋଗୁଁ ଶଯ୍ୟାଶାୟୀ ରହିଛନ୍ତି। ସେ ଜଣେ ଦକ୍ଷ ନାଟ୍ୟ କଳାକାର, ଅନେକ ଥିଏଟର ରଙ୍ଗମଞ୍ଚ, ଓଡ଼ିଆ ଟିଭି ସରିଅଲ ଠାରୁ ସିନେମାରେ ନିଜ ଦକ୍ଷତା ପ୍ରଦର୍ଶନ କରିପାରିଛନ୍ତି। ଓଡ଼ିଆ ସିନେମା 'ଏଇ ଆଖି ଆମ ସାକ୍ଷୀ'ରେ ହାସ୍ୟ ଅଭିନେତା ରୂପେ ଘରେ ଘରେ ପରିଚିତ। ତାଙ୍କର ଆଶୁ ଆରୋଗ୍ୟ ପାଇଁ ଓଡ଼ିଶାର ଅଗ୍ରଣୀ ନାଟ୍ୟ ସଂସ୍ଥାନ କଳା ପରିଷଦ ପକ୍ଷରୁ ସ୍ଥାନୀୟ ଯାଉଳିପୋଖରୀ ମଠ ହନୁମାନଙ୍କ ପାଖରେ ସାମୂହିକ ପ୍ରାର୍ଥନା କରାଯାଇଛି। ମନ୍ଦିର ପ୍ରାଙ୍ଗଣରେ କଳା ପରିଷଦର ସଭ୍ୟସଭ୍ୟାଙ୍କ ସମେତ ସହରର ବୁଦ୍ଧିଜୀବୀ, ସାମ୍ବାଦିକ, ନାଟ୍ୟକାର, ନିର୍ଦ୍ଦେଶକ, ସମାଜସେବୀ, ରାଜନେତାମାନେ ମଧ୍ୟ ଏହି ପ୍ରଦୀପ ପ୍ରଜ୍ୱଳନ ସଭାରେ ଯୋଗଦେଇ ପ୍ରଭୁ ଶ୍ରୀରାମ ଓ ବୀର ହନୁମାନଙ୍କ ନିକଟରେ ଇନ୍ଦ୍ରଭାଇଙ୍କ ଆରୋଗ୍ୟକାମନା କରିଛନ୍ତି। କଳା ପରିଷଦର ସଭାପତି ଦିଲ୍ଲୀଶ୍ୱର ମହାରଣା, ବର୍ଷିଆନ କଳାକାର ଓ ନିର୍ଦ୍ଦେଶକ ଶତ୍ରୁଘ୍ନ ମାଟି, ବିଶିଷ୍ଟ ଯୁବ ନାଟ୍ୟକାର ଅବନୀ ମିଶ୍ର, ନାଟ୍ୟକାର ଦିନେଶ ଦାସ, ବରିଷ୍ଠ କଳାକାର ଅଶୋକ ଦାସ, ଶଶୀ ପାଣି, ପ୍ରବୀର ମହାନ୍ତି, ମନ୍ମଥ ପଟନାୟକ, ସୁରେଶ ଭାଇ, ବିନୋଦ ମହାନ୍ତି, ଭୂଷଣ୍ଡ, ଅମ୍ବିକା ପଟ୍ଟନାୟକ, ନାରଣ ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ସାହୁ, ଦ୍ୱିତିକୃଷ୍ଣ ମଲ୍ଲିକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବରିଷ୍ଠ ସାମ୍ବାଦିକ ରତନ ନାୟର, ଅଭୟ ସାହୁ, ଅରବିନ୍ଦ ସାହୁ, ଦେବାଶିଷ ମିଶ୍ର, ଦେବିପ୍ରସାଦ ଭୂତିଆ, ସଚି ଶତପଥୀ ପ୍ରମୁଖ ଏହି ପ୍ରାର୍ଥନା ସଭାରେ ଇନ୍ଦ୍ରଭାଇଙ୍କ ଲାଗି ଦୀପ ପ୍ରଜ୍ୱଳନ କରିଛନ୍ତି।

**ପ୍ରେମ ଦିବସରେ ମହିଳାଙ୍କୁ ହତ୍ୟା ଅଭିଯୋଗ**

# ଅଭିଯୋଗ ଆଣିଲେ ଝିଅ, ତଦନ୍ତ ପାଇଁ ନିବେଦନ

କେନ୍ଦ୍ରାପଡ଼ା, ୧୪।୨(ସମିସ): ପ୍ରେମ ଦିବସରେ ହତ୍ୟା ଭଳି ସାଂଘାତିକ ଅଭିଯୋଗ ଆସିଛି। ଶିକ୍ଷକ ଚାକିରି ଥାଇ ପ୍ରଥମ ବିବାହ କରିଥିଲେ ସୁଦ୍ଧା ଜଣେ ଛାତ୍ରୀଙ୍କୁ ନେଇ ପଳାଇ ଆସି ଦୀର୍ଘଦିନ ଧରି ସ୍ୱାମୀ ସ୍ତ୍ରୀ ଭାବରେ ରହୁଥିବା ମହିଳାଙ୍କୁ ତାଙ୍କ ସ୍ୱାମୀ ଓ ସାବତ ପୁଅ ହତ୍ୟା କରିଥିବା ନେଇ ମହିଳାଙ୍କ ଝିଅ ଅଭିଯୋଗ ଆଣିଛନ୍ତି। ଏଭଳି ଏକ ଅଭିଯୋଗ ଆସିଛି କେନ୍ଦ୍ରାପଡ଼ା ଟାଉନ ଥାନା ଅନ୍ତର୍ଗତ ନସଡିପୁର ଗାଁରୁ। କେନ୍ଦ୍ରାପଡ଼ା ନସଡିପୁର ଅଞ୍ଚଳର ପୁଷ୍ପାଲତା ପ୍ରତାପ (ବେହେରା)ଙ୍କ ଝିଅ ଗାୟତ୍ରୀ ବେହେରାଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘ ୩୫ ବର୍ଷ ତଳେ ତାଙ୍କ ବାପା ଗୋପୀନାଥ ବେହେରା ମୁକୁନ୍ଦପୁର ବିଦ୍ୟାଳୟରେ ଶିକ୍ଷକତା କରୁଥିବାବେଳେ ତାଙ୍କ ମା'ଙ୍କୁ ଘରୁ ନେଇ ପଳାଇ ଆସି ମନକରପୁରରେ ରଖିଥିଲେ। ତେବେ ସେତେବେଳେ ଗୋପୀନାଥଙ୍କ ପ୍ରଥମ ପତ୍ନୀ ଓ ୬ ଜଣ ପୁଅ-ଝିଅ ଥିବ ବେଳେ ପୁଷ୍ପଲତାଙ୍କୁ ବିବାହ ନକରି ଲିଭ୍‌ଇନ୍‌ରେ ଗୋପୀନାଥ ରଖିଥିଲେ। ସେହି ସମୟରେ ପୁଷ୍ପଲତାଙ୍କୁ ଗୋପୀନାଥଙ୍କ ପ୍ରଥମ ପତ୍ନୀ ଓ ପୁଅଝିଅ ମାନସିକ ଏବଂ ଶାରୀରିକ ନିର୍ଯ୍ୟାତନା ଦେଉଥିବା ଗାୟତ୍ରୀ ଅଭିଯୋଗରେ ଦର୍ଶାଇଛନ୍ତି। ପରବର୍ତ୍ତୀ ମୁହୂର୍ତ୍ତରେ ପୁଷ୍ପଲତା ଶିକ୍ଷକତା ଚାକିରି ଆରମ୍ଭ କରିବାରୁ ଗୋପୀନାଥଙ୍କ ପ୍ରଥମପତ୍ନୀ ଶଶୀରେଖା ବେହେରା ସ୍ୱାମୀଙ୍କ ନାମରେ ଦ୍ୱିତୀୟ ବିବାହ ଅଭିଯୋଗ ଆଣିଥିଲେ। ତେବେ କୌଣସିମତେ ଏଥିରୁ ଗୋପୀନାଥ ସେ ସମୟରେ ବର୍ତ୍ତି ଯାଇଥିବା ବେଳେ ପରବର୍ତ୍ତୀ ସମୟରେ ପୁଷ୍ପଲତାଙ୍କ ସହ ନସଡିପୁରରେ ଭଡାଘର ନେଇ ରହିଥିଲେ। ସେହିଦିନଠାରୁ ପ୍ରଥମ ପତ୍ନୀ ଓ ୬ ଜଣ ପିଲା ଗୋପୀନାଥଙ୍କ ଠାରୁ ଦୂରେଇ ରହୁଥିବା ବେଳେ ଦ୍ୱିତୀୟ ପତ୍ନୀ ପୁଷ୍ପଲତାଙ୍କ ଗର୍ଭରୁ ଗାୟତ୍ରୀ ଜନ୍ମ ହୋଇଥିଲେ। ତେବେ କିଛିବର୍ଷ ଠିକଠାକ ଚାଲିଥିବା ବେଳେ ପ୍ରଥମ ପତ୍ନୀଙ୍କ ସାନପୁଅ ଓ ସାନବୋହୂ ଗୋପୀନାଥଙ୍କ ପାଖରେ ଆସି ରହିବା ଓ ଗାୟତ୍ରୀଙ୍କ ବିବାହ ହୋଇ ଯାଇଥିବା କାରଣରୁ ସେ ମା'ଙ୍କ ଦେଖାରଖା କରି ନପାରିବାରୁ ପୁଷ୍ପଲତାଙ୍କ ମାନସିକ ସନ୍ତୁଳନ ବିଗିଡିଥିଲା ବୋଲି ଗାୟତ୍ରୀ ଅଭିଯୋଗରେ ଦର୍ଶାଇଛନ୍ତି। ଗତ ମାସରେ ଗୋପୀନାଥ ପୁଷ୍ପଲତାଙ୍କୁ ନେଇ ପୁରୀ ବୁଲିବାକୁ ଯାଇଥିବା ବେଳେ ସେଠାରେ ତାଙ୍କୁ ଛାଡି ଦେଇ ଚାଲି ଆସିବା ପରେ ନିଖୋଜ ଏତଲା ଦେଇଥିଲେ। ପରେ ଝିଅ ଗାୟତ୍ରୀ ମା'ଙ୍କୁ ଖୋଜାଖୋଜି କରି ପୁରୀରେ ପାଇବା ପରେ ନିଜ ପାଖରେ କିଛିଦିନ ରଖିଥିଲେ। ଅନ୍ୟପଟେ ଗତ କେଇଦିନ ତଳେ ସେ ମା'ଙ୍କୁ ଆଣି ନସଡିପୁରରେ ଛାଡିବା ବେଳେ ସ୍ଥାନୀୟ ଭଦ୍ରଲୋକ, କାଉନସିଲରଙ୍କ ଉପସ୍ଥିତିରେ ଜଣେ ହୋମନର୍ସ ମା'ଙ୍କୁ ଦେଖାରଖା ପାଇଁ ରଖିଥିଲେ। ଗତ ମଙ୍ଗଳବାର ରାତିରେ ପୁଷ୍ପଲତା ଗାୟତ୍ରୀଙ୍କ ସହ ଫୋନ ଯୋଗେ କଥା ହୋଇଥିବା ବେଳେ ଆଜି ସକାଳେ ହୋମନର୍ସ ଆସି ପୁଷ୍ପଲତାଙ୍କର ମୃତ୍ୟୁ ହୋଇଥିବା ନେଇ ଗାୟତ୍ରୀଙ୍କୁ ଖବର ଦେବା ପରେ ଗାୟତ୍ରୀ ପହଞ୍ଚି ତାଙ୍କ ମା'ଙ୍କର ଅସ୍ୱାଭାବିକ ମୃତ୍ୟୁ ହୋଇଛି ଓ ଏହାର ସଠିକ ତଦନ୍ତ କରି ଅଭିଯୁକ୍ତଙ୍କୁ ଦଣ୍ଡ ଦେବାକୁ ଟାଉନ ଥାନାରେ ଏତଲା ଦେଇଛନ୍ତି। ଟାଉନ ଥାନା ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଚଳାଇଛି।

# ବସନ୍ତ ବିହାରରେ ଶ୍ରୀଜୀଉ; ଉତ୍ସବମୁଖର କନିକା

ରାଜକନିକା, ୧୪।୨(ସମିସ): ଆଜି ମାଘ ମାସ ଶୁକ୍ଳ ପଞ୍ଚମୀର ଶୁଭ ଲଗ୍ନରେ କନିକାର ମଠ ମନ୍ଦିରରେ ପୂଜିତ ଶ୍ରୀଜୀଉମାନେ ବସନ୍ତ ବିହାରରେ ବାହାରି ବିହାର କରୁଥିବାରୁ କନିକାର ଜନଜୀବନରେ ସ୍ୱତଃ ଏକ ଆଧ୍ୟାତ୍ମିକତାର ବାତାବରଣ ସୃଷ୍ଟି ହୋଇଛି। ଆଜିଠାରୁ ଆସନ୍ତା ଫଗୁଦଶମୀର ମେଳଣ ଯାଏ ବସନ୍ତ ବିହାରରେ ଥିବା ଶ୍ରୀଜୀଉଙ୍କର ଦୈନିକ ନାନାଦି ଉପଚାରରେ ପୂଜାର୍ଚ୍ଚନା କରାଯାଇ ସ୍ୱତନ୍ତ୍ର ନୀତିକାନ୍ତି ଜାରି ରହିଥିବାରୁ କନିକାର ସମସ୍ତ ମଠ ମନ୍ଦିରରେ ଆଜିଠୁ ଗହଳି ବଢ଼ିଯାଇଛି। ଆଜି ବସନ୍ତ ପଞ୍ଚମୀର ମହାର୍ଘ ମୁହୂର୍ତ୍ତରୁ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଚେତନାର ପ୍ରାଣକେନ୍ଦ୍ର ରାଜକନିକାର ରାଜମେଳଣ ପାଇଁ କ୍ଷେତ୍ର ପ୍ରସ୍ତୁତି ଆରମ୍ଭ ହେଉଥିବାରୁ ସମସ୍ତ ମେଳଣ କମିଟି ମଧ୍ୟ ଚଳଚଞ୍ଚଳ ହୋଇ ଉଠିଛି। ଆବାହମାନ କାଳରୁ କନିକା ରାଜପରିବାର ପରିଚାଳିତ ଟ୍ରଷ୍ଟର ଆୟୋଜନରେ ଚାଲି ଆସିଥିବା ଫଗୁଦଶମୀ ଠାରୁ ଫଗୁ ପୂର୍ଣ୍ଣିମା ଯାଏ ପାଞ୍ଚ ଦିନିଆ ମେଳଣ ଉତ୍ସବକୁ ପାରମ୍ପରିକ ଭାବେ ମାନି ଆସୁଥିବା କନିକାବାସୀ ଆଜିଠୁ ବସନ୍ତ ବିହାରରେ ଶ୍ରୀଜୀଉମାନଙ୍କ ସାନିଧ୍ୟ ପାଇ କୃଷ୍ଣପ୍ରେମରେ ମତୁଆଲା ହୋଇଛନ୍ତି। ଲୀଳାମୟ ଭଗବାନ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିର୍ ଦୋଳ ବିମାନରେ ଦର୍ଶନ କରିବାର ଅହେତୁକ ଇଛାକୁ ସାକାର କରି ବସନ୍ତ



ବିହାରରେ ବାହାରିଥିବା ଶ୍ରୀଜୀଉ ଗାଁକୁ ଗାଁ ବରାଦ ମୁତାବକ ବିଭିନ୍ନ ସ୍ଥାନକୁ ବିଜେ କରୁଥିବାରୁ ସାରା କନିକାରେ ଅପୂର୍ବ ଆଧ୍ୟାତ୍ମିକତାର ଭାବ ସବୁଠି ଛାଇ ଗଲାଣି।

# କଂଗ୍ରେସରୁ ଇସ୍ତଫା ଦେଲେ ଅଂଶୁମାନ ମହାନ୍ତି

**● ବିଜେଡିକୁ ନା ବିଜେପିକୁ ଯିବେ**

ରାଜନଗର, ୧୪।୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ରାଜନଗର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି କଂଗ୍ରେସ ଦଳରୁ ଇସ୍ତଫା ଦେଇଛନ୍ତି। ସେ ଜିଲ୍ଲା



କଂଗ୍ରେସ କମିଟି ସଭାପତି ପଦ ସହିତ କଂଗ୍ରେସର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେବା ସହ ରାଜ୍ୟ ସଭାପତି ଶରତ ପଟ୍ଟନାୟକଙ୍କ ପାଖକୁ ତାଙ୍କର ଇସ୍ତଫା ପତ୍ର ପଠାଇଛନ୍ତି। ଆଜି ସକାଳୁ ଅଂଶୁମାନଙ୍କ କଂଗ୍ରେସରୁ ଇସ୍ତଫା ଖବର ଜଣାପଡ଼ିବା ପରେ କଂଗ୍ରେସ ଶିବିରରେ ନୈରାଶ୍ୟ ଖେଳି ଯାଇଛି। ଅଂଶୁମାନ କଂଗ୍ରେସରୁ ଇସ୍ତଫା ଦେଇଥିଲେ ମଧ୍ୟ କେଉଁ ଦଳକୁ ଯିବେ କିଛି ସ୍ପଷ୍ଟ କରିନଥିବାରୁ ସେ ନେଇ ଚର୍ଚ୍ଚା ଓ ଆଲୋଚନା ବଢ଼ିବାରେ ଲାଗିଛି। ଅଂଶୁମାନ ବିଜେଡିକୁ ଯିବେ ନାଁ ବିଜେପିକୁ ଯିବେ, ସେ ନେଇ କଂଗ୍ରେସ କର୍ମୀ ଓ ପଞ୍ଚାୟତସ୍ତରୀୟ ନେତାମାନେ ଭିନ୍ନ ଭିନ୍ନ କଥା ଆଲୋଚନା କରୁଛନ୍ତି। ଇସ୍ତଫା ଦେବା ପରଠାରୁ ଅଂଶୁମାନ ଗଣମାଧ୍ୟମରୁ ଦୂରେଇ ରହିଥିବାରୁ ଓ ମୋବାଇଲ ସୁଇଚ୍ ଅଫ୍ ରଖିଥିବାରୁ ଦିନ ତମାମ ଏ ନେଇ ବିଭିନ୍ନ ଚର୍ଚ୍ଚା ଜାରି ରହିଛି। ରାଜନଗର ନିର୍ବାଚନମଣ୍ଡଳୀରେ ୨୦୧୪ରେ କଂଗ୍ରେସ ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରି ୬ ହଜାରରୁ ଅଧିକ ଭୋଟରେ ବିଜୟଲାଭ କରିଥିଲେ। ୨୦୧୯ରେ ପୁନଃର୍ବାର କଂଗ୍ରେସରୁ ଲଢି ପରାଜିତ ହୋଇଥିଲେ।

# ବେଣିପୁର ଓ ରଘୁଦେଇପୁରରେ 'ଆମ ଓଡ଼ିଶା ନବୀନ ଓଡ଼ିଶା'

ପଞ୍ଚୁପାଣ୍ଡବ, ୧୪।୨(ସମିସ): ଡେରାବିଶ ବ୍ଲକ ବେଣିପୁର ପଞ୍ଚାୟତରେ ଅନୁଷ୍ଠିତ'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମରେ ସରପଞ୍ଚ ମୋହନ ଚରଣ ସାହୁ ଅଧକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଯୁବ ବିଜେଡ଼ି ସମ୍ପାଦକ ସୁଦୀପ୍ତ ସାମଲ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ସମିତିସଭ୍ୟା କବିତା ସେଠୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ତିଲୋତ୍ତମା ରାଉତ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଆରଏସ୍ ନମିତା ପଣ୍ଡା, ଚିନ୍ମୟ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ନୃତ୍ୟଗୀତ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସେହିପରି ବ୍ଲକ ଅଧୀନ ରଘୁଦେଇପୁର ପଞ୍ଚାୟତରେ ଅନୁଷ୍ଠିତ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାପରିଷଦ ସଭାପତି ଗୀତାଞ୍ଜଳି ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ




କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ରଘୁଦେଇପୁର ପଞ୍ଚାୟତରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥିଭାବେ ସମିତିସଭ୍ୟ ମୋନାଲିସା ନାୟକ, ବେଲାରପୁରସ୍ଥିତ ଭଗବତୀ ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଉର୍ମିଳା ଜେନା ଯୋଗ ଦେଇଥିଲେ।

# ଲୋକନାଥ ମହାରଥୀ ଜିଲ୍ଲା କଂଗ୍ରେସ ସଭାପତି

କେନ୍ଦ୍ରାପଡ଼ା, ୧୪।୨(ସମିସ): ଅଖିଳ ଭାରତ କଂଗ୍ରେସ କମିଟି ଅନୁମୋଦନ ଓ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ



ନିର୍ଦ୍ଦେଶକ୍ରମେ ପ୍ରଦେଶ କଂଗ୍ରେସ କମିଟିର ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ କମିଟିର ନୂତନ ସଭାପତି ରୂପେ ଲୋକନାଥ ମହାରଥୀଙ୍କୁ ନିଯୁକ୍ତ କରିଛନ୍ତି। ଶ୍ରୀ ମହାରଥୀ ପୂର୍ବରୁ ରାଜ୍ୟ ଯୁବ କଂଗ୍ରେସ ସଭାପତି, ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି ଓ ପିସିସି ସଭ୍ୟ, ମହାକାଳପଡ଼ା ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି ସୂଚାରୁ ରୂପେ କାର୍ଯ୍ୟ ତୁଲାଇଛନ୍ତି। ମହାକାଳପଡ଼ାର ଶ୍ରୀ ମହାରଥୀ ଛାତ୍ର ରାଜନୀତିରୁ ଆରମ୍ଭ କରି ଦୃଢ ସଂଗଠକ ଭାବେ ବେଶ୍ ଖ୍ୟାତି ଅର୍ଜନ କରିଛନ୍ତି।

# ସହିଦଙ୍କ ସ୍ମୃତିସଭା

ଗରଦପୁର, ୧୪।୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁରୁ ବ୍ଲକ ନଡିଆବରେଇ ପଞ୍ଚାୟତର ଓଉପଡ଼ା ଗ୍ରାମର ସନାତନ ପ୍ରଧାନ ଦୀର୍ଘ ବର୍ଷ ହେଲା କେନ୍ଦ୍ରିୟ ରିଜର୍ଭ ଫୋର୍ସ ପୋଲିସରେ କାର୍ଯ୍ୟ କରିଆସୁଥିଲେ। ସହୀଦ ସମୟରେ ମଣିପୁରସ୍ଥିତ ସିଆରପିଏଫ କାର୍ଯ୍ୟାଳୟରେ ଡ୍ୟୁଟି ସମୟରେ ସହିଦ ହୋଇଥିଲେ। ଗାଁ ଶ୍ମଶାନରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ହୋଇଥିବାବେଳେ ପ୍ରଧାନଙ୍କର ଏକାଦଶାହ ସ୍ମୃତିସଭା ଆଜି ଅନୁଷ୍ଠିତ ହୋଇଛି। ସ୍ମୃତିସଭାରେ ଯୋଗଦେଲେ ମଧୁମିତା ଅଗ୍ରୱାଲା, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, ନଡିଆବରେଇ ପଞ୍ଚାୟତ ସରପଞ୍ଚ ସନ୍ତୋଷ ମାହାଳୀ, ସନ୍ତୋଷ ସାହୁ, ସ୍ମୃତିଚାରଣ ସଭାର ସଭାପତି ଶ୍ରୀକାନ୍ତ ନାୟକ, ରତିକାନ୍ତ କାନୁନଗୋ, ନରେଶ ଚନ୍ଦ୍ର ମହାନ୍ତି, କେଦାର ସାମନ୍ତରାୟ ଓ ଅମୀୟ ପରିଜା ପ୍ରମୁଖ ଯୋଗଦେଇ ସହୀଦ



ସନାତନଙ୍କର ଏକ ମାତ୍ର ପୁଅ ଆଶୁତୋଷ ପ୍ରଧାନ ମୁଖାଗ୍ନି ଦେଇଥିଲେ। ସନାତନଙ୍କର ତିନି ଝିଅ ପୁଜାଶ୍ରୀ, ଲିଜାଶ୍ରୀ, ରାଜଶ୍ରୀ ଅଛନ୍ତି। ସିଆରପିଏଫ ମେଜର ସନାତନ ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସହିଦ ସନାତନ ପ୍ରଧାନଙ୍କର ଏକ ପ୍ରତିମୂର୍ତ୍ତି କରାଯିବା ପାଇଁ ସଭାରେ ନିଷ୍ପତ୍ତି ନିଆଗଲା।

# କେନ୍ଦ୍ରାପଡ଼ାରେ ଉଦ୍‌ଘାଟିତ ହେଲା ସର୍କସ





କେନ୍ଦ୍ରାପଡ଼ା, ୧୪।୨(ସମିସ): କେନ୍ଦ୍ରାପଡ଼ା ସହର ଉପକଣ୍ଠ ଗୁଲନଗର ପଞ୍ଚାୟତର ସୁଜାନଗର ଗ୍ରାମରେ ଥିବା ବାଲିଯାତ୍ରା ପଡ଼ିଆରେ ଏନ୍.କେ. ରୋଲେକ୍ସ ସର୍କସ ଉଦଘାଟନ ହୋଇଯାଇଛି। ଏହାକୁ ମୁଖ୍ୟ ଅତିଥି ଭାବରେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା ଯୋଗଦେଇ ଉଦ୍‌ଘାଟିତ କରି କହିଲେ ଯେ ଆଧୁନିକ ଯୁଗରେ ସର୍କସର ଚାହିଦା କମିଆସୁଥିବା ବେଳେ ଏହା ବର୍ତ୍ତମାନ ଇତିହାସ ପାଲଟି ଯାଇଛି। ଏହି ସର୍କସ କେନ୍ଦ୍ରାପଡ଼ା ସହର ଓ ଆଖପାଖ ଅଞ୍ଚଳର ଲୋକମାନଙ୍କୁ ଆମୋଦିତ କରିବ। କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦର ସଭାପତି ଗୀତା ସେଠୀ, ପୌରାଧକ୍ଷା ସରିତା ସାହୁ, ସମାଜସେବୀ ରଞ୍ଜିତ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଏହି ସର୍କସ ପ୍ରତିଦିନ ତିନୋଟି ଶୋ ତଥା ଅପରାହ୍ନ ୧ଟା, ୪ଟା ଓ ୭ଟା ସମୟରେ କରାଯିବ ଓ ଏଥିରେ ମଣିପୁର, ପଶ୍ଚିମବଙ୍ଗ ଭଳି ରାଜ୍ୟର କଳାକାରମାନେ ସେମାନଙ୍କ କଳା ପ୍ରଦର୍ଶନ କରିବେ। କଣ୍ଟା ଉପରେ ଶୋଇବା, ଛୁରୀ ଉପରେ ଶୋଇବା ଓ ଚାଲିବା, ଏକ ଚକ ବିଶିଷ୍ଟ ସାଇକଲ ଚାଳନା, ପାଟି ଭିତରେ ୫ଟି ଜୀଅନ୍ତା ଶିଙ୍ଗି ମାଛ ପୁରାଇ ବାହାର କରିବା, ଶାଢ଼ୀଖେଳ, ଗ୍ଲୋବ ଭିତରେ ମଟର ସାଇକେଲ ରେସ, ମୁଣ୍ଡ ଓ ଜିଭରେ ନଟୁର ଖେଳ, ଜୋକର ଖେଳ, ଦୋଳି ଖେଳ, ପ୍ରଭୃତି ୨୬ଟି ଖେଳ ପ୍ରଦର୍ଶିତ କରାଯିବ। ଏହା ଏକ ମାସ ଧରି ଚାଲିବ ବୋଲି ସର୍କସର ମ୍ୟାନେଜର ମୁଲ୍ଲା ସାଦିକ ରହେମନ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ସଭାପତି ପ୍ରଦୀପ ମହାନ୍ତି, କପାଳେଶ୍ୱର ସରପଞ୍ଚ କଳ୍ପନା ମହାନ୍ତି, ପୂର୍ବତନ ସରପଞ୍ଚ ପୀତବାସ ବେହେରା, ମୃତ୍ୟୁଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଦିବାରାତ୍ର ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି

କେନ୍ଦ୍ରାପଡ଼ା, ୧୪।୨(ସମିସ): ଫକିରାବାଦ୍‌ର ଆଜାଦ କ୍ଲବ ଆନୁକୂଲ୍ୟରେ ଚଳିତମାସ ୧୫ରୁ ୧୮ତାରିଖ ପର୍ଯ୍ୟନ୍ତ ଏକ ସର୍ବଭାରତୀୟସ୍ତରୀୟ ୪ଦିନିଆ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟ କେନ୍ଦ୍ରାପଡ଼ା ହାଇସ୍କୁଲ ଖେଳପଡ଼ିଆରେ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଆଜାଦ୍ କ୍ଲବର ସଭାପତି ହିବଜୁର ରହେମାନ୍‌ଙ୍କ ସଭାପତିତ୍ୱରେ ଶେଷ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସମ୍ପାଦକ ସେକ୍ ଲିଆକତ ଅଲ୍ଲୀ, ଉପସଭାପତି ମୀର ବକାଉଲ୍ଲା, କୋଷାଧକ୍ଷ ସେକ ସିରହାନ ଅଲ୍ଲୀ ଓ ସେକ୍ ଅମୀର, ଉପଦେଷ୍ଟା ସୟଦ ଅକମଲ ଅଲ୍ଲୀ, ସେକ ସଫାତୁଲ୍ଲା, ମିର ଖୁବେର୍, ସମିଉଲ୍ଲ ଖାଁ, ସେକ ଅହେମ୍ମଦ୍, ଟିକା ଖାଁ, ମହମ୍ମଦ ଜାକିର, ସେକ ଅଖତର, ତାଜୁଦ୍ଦିନ ଖାଁ, ମିର ଫାରୁକ, ରବୀନ୍ଦ୍ର ବେହେରା, ପ୍ରଦିପ କୁମାର ବେହେରା, ରାକେଶ ମହାପାତ୍ର, ଫୁରକାନ ଖାଁ, କଲିମ ଖାଁ, ମହମ୍ମଦ ଆୟାଜ୍, ମିର ୟାସିର, ନୁର ଖାଁ, ଅବଦୁଲ ମଜିଦ୍, ଅଜହରଉଦ୍ଦିନ ଖାଁ, ସଫିଉର ରହେମାନ୍, ଆସିଫଖାଁ, ସେକ ନାଜିର, ଲାଲାବାବୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆସନ୍ତା ଗୁରୁବାର ଅନୁଷ୍ଠିତ ହେବାକୁ ଥିବା ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଏଫ୍ . ସି. ଧାନବାଦ୍, ଝାଡଖଣ୍ଡ ଓ କେନ୍ଦ୍ରାପଡ଼ାର ଚାନ୍ଦ କ୍ଲବକୁ ଓ ଦ୍ୱିତୀୟ ମ୍ୟାଚ୍ କେନ୍ଦ୍ରାପଡ଼ାର ସୁରଜ କ୍ଲବ ଓ କଟକର ଜି.ଏସ. କମ୍ପାନୀ ମଧ୍ୟରେ ଅନୁଷ୍ଠିତ ହେବ। ଶନିବାର ଦୁଇଟି ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବାକୁ ଥିବା ବେଳେ ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ବିଜୟୀ ଦଳକୁ ନଗଦ ୩୫ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବାକୁ ଥିବା ବେଳେ ରନର୍ସଅପ ଦଳକୁ ନଗଦ ୨୫ହଜାର ଟଙ୍କା ସହିତ ରନର୍ସଅପ ଟ୍ରଫି ପ୍ରଦାନ କରାଯିବ ବୋଲି ଆଜାଦ କ୍ଲବର ସଭାପତି ହିବଜୁର ରହେମାନ୍ ସୂଚନା ଦେଇଛନ୍ତି।

# ମୃତ ନିର୍ମାଣ ଶ୍ରମିକଙ୍କ ପରିବାର ସହିତ ଜିଲ୍ଲାପାଳଙ୍କୁ ଭେଟିଲେ ଶ୍ରମିକନେତା



ଡେରାବିଶ, ୧୪।୨(ସମିସ): ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ ମୃତ୍ୟୁକାଳୀନ ସହାୟତା ପାଇନଥିବା କିଛି ନିର୍ମାଣ ଶ୍ରମିକ ପରିବାରଙ୍କୁ ନେଇ ଗତକାଲି କେନ୍ଦ୍ରାପଡ଼ା ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଙ୍କୁ ଭେଟିଥିଲେ। ଶ୍ରୀ ତ୍ରିପାଠୀ ଏକ ଲିଖିତ ଅଭିଯୋଗରେ ବର୍ଷ ବର୍ଷ ଧରି ମୃତ ନିର୍ମାଣ ଶ୍ରମିକଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ ପାଇଁ ସରକାରୀ ନିର୍ଦ୍ଦେଶ ଥିଲେ କେନ୍ଦ୍ରାପଡ଼ା ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଟାଳଟୁଳ ନୀତି ଅବଲମ୍ବନ କରି ମୃତକଙ୍କ ପରିବାର ବର୍ଗଙ୍କୁ ଏହା ପ୍ରଦାନ କରାଯାଉନାହିଁ। ଏପରିକି ତଦନ୍ତ ନାମରେ ବାରମ୍ବାର କାର୍ଯ୍ୟାଳୟକୁ ଡାକି ସେମାନଙ୍କୁ ବିଭିନ୍ନ କାଗଜପତ୍ର ହଜିଯାଇଥିବା ଓ ପୁନର୍ବାର ଆଣିବା ପାଇଁ କହି ସମୟ ଗଡ଼ାଇ ଚାଲିଛନ୍ତି। ଏହାର ନିରପେକ୍ଷ ତଦନ୍ତ କରାଯାଇ ମୃତକଙ୍କ ପରିବାରକୁ ତୁରନ୍ତ ସହାୟତା ପ୍ରାପ୍ୟ ପ୍ରଦାନ ପାଇଁ ପଦକ୍ଷେପ ନେବାକୁ ଶ୍ରୀ ତ୍ରିପାଠୀ ଅନୁରୋଧ କରିଥିଲେ। ମୃତକଙ୍କ ପରିବାର ତରଫରୁ ବାଦଲ ବେହେରା, ଗୌତମ ସାମଲଳ, ରିନା କାଣ୍ତି, ବାସନ୍ତୀ ରାଉଳ, କବିତା ନାୟକ, ଭାରତୀ ସୁତାର, ବନିତା ରାଉତ, ପ୍ରେମଲତା ଲେଙ୍କା ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟିଥିଲେ।

# ଅଗ୍ନିକାଣ୍ଡରେ ୮ ବଖରା ଜଳିଗଲା

ରାଜନଗର, ୧୪।୨(ସମିସ): ଗତକାଲି ରାତିରେ ରାଜନଗର ବ୍ଲକ ବ୍ରାହ୍ମଣସାହି ପଞ୍ଚାୟତ ଗଜରାଜପୁର ଗ୍ରାମର ଅଗ୍ନିକାଣ୍ଡ ଘଟି ଦିଲ୍ଲୀପ ମଳିକ, ସର୍ବେଶ୍ୱର ମଳିକ, ମଲ୍ଲି ମଳିକ, ପ୍ରକାଶ ମଳିକଙ୍କ ୮ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନଥିବା ବେଳେ ବିପନ୍ନ ପରିବାର ଗାଁରେ ଥିବା ଆମ ଗାଁ ଆମ ବିକାଶ ଗୃହରେ ଆଶ୍ରୟ ନେଇଛନ୍ତି। ଅଗ୍ନିଶମ ବାହିନୀ ଗାଡି ଆସି ନିଆଁକୁ ଆୟତ କରିଥିଲା। ସେତେବେଳକୁ ଏହି ୪ ବିପନ୍ନ ପରିବାରଙ୍କ ଘରେ ଥିବା ଧାନ, ଚାଉଳ, ସୁନା, ରୁପା, ଟଙ୍କା, ଦରକାରୀ କାଗଜପତ୍ର ପୋଡି ପାଉଁଶ ହୋଇଯାଇଛି। ପିନ୍ଧାଲୁଗା ବ୍ୟତୀତ ସବୁ କିଛି ପୋଡି ଯାଇଥିଲା। ବିପନ୍ନ ପରିବାରକୁ ପଞ୍ଚାୟତ ତରଫରୁ ୭ଦିନର ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ଖବରପାଇ ଆଜି ରାଜନଗର ବିଧାୟକ ଧ୍ରୁବ ସାହୁ ବିପନ୍ନ ପରିବାରଙ୍କୁ ଆର୍ଥିକ ସହାୟତା କରିବା ସହିତ ସେ କିପରି ସରକାରୀ ସହାୟତା ପାଇପାରିବେ, ସେ ନେଇ ପ୍ରଶାସନ ସହ ଆଲୋଚନା କରିଥିଲେ।

ବିଧାୟକ ଶ୍ରୀ ସାହୁଙ୍କ ସହ ବ୍ରାହ୍ମଣସାହି ସରପଞ୍ଚ ବୀଣାପାଣି ପ୍ରଧାନ, ସମିତିସଭ୍ୟ ରବିନ ମଳିକ, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ ପ୍ରମୁଖ ବିପନ୍ନ ପରିବାରକୁ ସମବେଦନା ଜଣାଇଥିଲେ। ତହସିଲ ପକ୍ଷରୁ ବିପନ୍ନ ପରିବାରକୁ ପଲିଥିନ ଯୋଗାଇ ଦିଆଯାଇଛି।

**୧୬ରୁ ଆରମ୍ଭ ହେବ ଉଚ୍ଚ ମାଧ୍ୟମିକ ବାର୍ଷିକ ପରୀକ୍ଷା**

# ୭ ପ୍ରଶ୍ନପତ୍ର ହବ୍; ୨୪ ଘଣ୍ଟିଆ ଲାଇଭ୍ ଷ୍ଟ୍ରିମିଂ

କେନ୍ଦ୍ରାପଡ଼ା, ୧୪।୨(ସମିସ): ଆସନ୍ତା ୧୬ତାରିଖରୁ ଆରମ୍ଭ ହେବାକୁ ଯାଉଛି +୨ ବାର୍ଷିକ ପରୀକ୍ଷା। ଏହି ପରୀକ୍ଷା ମାର୍ଚ୍ଚମାସ ୨୦ତାରିଖରେ ଶେଷ ହେବ। ଏହି ପରୀକ୍ଷା ପାଇଁ ଜିଲ୍ଲାର ୭ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଶ୍ନପତ୍ର ହବ୍ କରାଯାଇ ସେଠାରେ କଡା ସୁରକ୍ଷା ବଳୟ ମଧ୍ୟରେ ପ୍ରଶ୍ନପତ୍ର ଗୁଡିକୁ ଗଚ୍ଛିତ ରଖାଯାଇଛି। ୨୪ ଘଣ୍ଟିଆ ଏହି ପ୍ରଶ୍ନପତ୍ର ହବ୍‌ଗୁଡିକ ଲାଇଭ୍ ଷ୍ଟ୍ରିମିଂ ବ୍ୟବସ୍ଥାରେ ରହିବାର ବ୍ୟବସ୍ଥା କରାଯାଇଛି। ସେହି ପ୍ରଶ୍ନପତ୍ର ହବ୍‌ଗୁଡିକରୁ ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରକୁ ଜଣେ ଜଣେ ଅବଜରଭର୍ ଓ ଏପିଆର୍ ପୁଲିସ ଫୋର୍ସଙ୍କ କଡା ସୁରକ୍ଷାରେ ପରୀକ୍ଷା ଦିନ ପୂର୍ବାହ୍ନ ସାଢେ ୮ଟା ଭିତରେ ପ୍ରଶ୍ନପତ୍ର ପହଞ୍ଚିବାର ବ୍ୟବସ୍ଥା କରାଯାଇଛି। ସମ୍ପୃକ୍ତ ପରୀକ୍ଷା କେନ୍ଦ୍ରରେ ପ୍ରତ୍ୟେକ ଦିନ ପରୀକ୍ଷା ଆରମ୍ଭ ପୂର୍ବରୁ ଅବଜରଭର ଓ ପରୀକ୍ଷାକେନ୍ଦ୍ରର ଅଧିକ୍ଷକଙ୍କ ଉପସ୍ଥିତିରେ ପ୍ରଶ୍ନପତ୍ର ପ୍ୟାକେଟ୍ ଖୋଲାଯିବାର ନିର୍ଦ୍ଦେଶ ରହିଛି। ଜିଲ୍ଲାର ସେହି ୭ଟି ପ୍ରଶ୍ନପତ୍ର ହବ୍ ଗୁଡିକ ହେଉଛି କେନ୍ଦ୍ରାପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଆଳି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଏସ.ଏନ. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ରାଜକନିକା, ୟୁ.କେ. ମହାବୀର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମଦନପୁର, ରାଜନଗର, ପଟ୍ଟାମୁଣ୍ଡାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମାର୍ଶାଘାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଏଲ. ଏନ. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କୋରୁଆ, ଗରଦପୁର। ଏହି ପରୀକ୍ଷା ନିମନ୍ତେ ଜିଲ୍ଲାର ୪୫ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କରାଯାଇଥିବା ପରୀକ୍ଷା କେନ୍ଦ୍ର ଗୁଡିକରେ ୧୨ହଜାର ୩୪୯ଜଣ ଛାତ୍ରଛାତ୍ରୀ ସି.ସି. ଟିଭି ସର୍ଭେଲାନ୍ସ ମଧ୍ୟରେ ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଇଛି। କେନ୍ଦ୍ରାପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ତା' ନିଜର ବିଜ୍ଞାନରେ ୫୧୦ଜଣ, କଳାରେ ୩୭୬ଜଣ ଓ ବାଣିଜ୍ୟରେ ୩୨୬ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ସହିତ ଅନ୍ୟ ୭ଟି ବାରୁଅ ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଓମ୍‌ଶାନ୍ତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କଲେଜ ଛକର କେନ୍ଦ୍ରାପଡ଼ା ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମାର୍ଶାଘାଇ ଆର.ଏମ.ଏନ. ଇନଷ୍ଟିଟ୍ୟୁଟ୍ ଅଫ୍ ସାଇନ୍ସ, ହଳଦିଆର ତାରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଶିଳିପୁର ଡଲଫିନ୍ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଦୁହୁରିଆ ଲୋଟୋସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୮୬୦ଜଣ ବିଜ୍ଞାନ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ପରୀକ୍ଷା ନିୟନ୍ତ୍ରଣ କେନ୍ଦ୍ରର ପରିଚାଳକ ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପୁହାଣଙ୍କ ଠାରୁ ସୂଚନା ମିଳିଛି। ପ୍ରଶ୍ନପତ୍ର ହବ୍‌ରୁ ପ୍ରଶ୍ନପତ୍ର ସହିତ ଯାଉଥିବା ଅବଜରଭର୍‌ମାନେ ପ୍ରତି ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର ସ୍ଥିତି ନିରୀକ୍ଷଣ କରିବା ସହିତ ପରୀକ୍ଷା ଶେଷ ହେବା ପରେ ଉତ୍ତରଖାତା ଗୁଡିକ ସେଠାରୁ ସଙ୍ଗରେ ଆଣି ପ୍ରଶ୍ନପତ୍ର ହବ୍‌ରେ ଦାଖଲ କରିବେ। ସେଠାରୁ ସମ୍ପୃକ୍ତ ଉତ୍ତରଖାତା ଗୁଡିକ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ନିର୍ଦ୍ଧାରିତ ଖାତାଦେଖା କେନ୍ଦ୍ର ଗୁଡିକୁ ସେହିଦିନ ପଠାଇ ଦିଆଯିବ ବୋଲି ପରୀକ୍ଷା ନିୟନ୍ତ୍ରଣ କେନ୍ଦ୍ରର ପରିଚାଳକ ପ୍ରାଧ୍ୟାପକ ଶ୍ରୀ ପୁହାଣ କହିଛନ୍ତି। ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ସମ୍ପୃକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅଧୀକ୍ଷକ ଦାୟୀତ୍ୱ ନିର୍ବାହ କରିବେ ବୋଲି ସୂଚନା ମିଳିଛି। ଏହାବ୍ୟତିତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଗଠିତ ସ୍କ୍ୱାର୍ଡ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଗଠିତ ସ୍କ୍ୱାର୍ଡର୍ ପ୍ରତ୍ୟେକ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିବାର ବ୍ୟବସ୍ଥା କରାଯାଇଛି।

# କଟକ-ପାରାଦୀପ ରାସ୍ତାରେ ଓଲଟିଲା ଟ୍ରକ୍; ଜଣେ ମୃତ

## ୬ ଘଣ୍ଟା ଚାପିହୋଇ ରହିଲେ ୫ ଶ୍ରମିକ



ରଘୁନାଥପୁର, ୧୪।୨ (ସମିସ): କଟକ-ପାରାଦ୍ୱୀପ ରାସ୍ତାର ରଘୁନାଥପୁର ଥାନା ଅନ୍ତର୍ଗତ ଜଗନ୍ନାଥପୁର ନିକଟରେ ପାରାଦ୍ୱୀପ ଆଇଓସିଏଲରୁ କାମସାରି ମଲ୍ଲିପମ୍ପ ଢଳେଇ ମେସିନ ପାଇପ ବୋଝେଇ ଟ୍ରକ କଟକ ଅଭିମୁଖେ ଯାଉଥିବା ବେଳେ ମଙ୍ଗଳବାର ପ୍ରାୟ ରାତି ସାଢେ ୧ଟାରେ ଟ୍ରକଟି ରାସ୍ତାକଡ ଖାଲକୁ ଓଲଟି ପଡ଼ିଥିଲା। ଫଳରେ ଟ୍ରକତଳେ ଶ୍ରମିକମାନେ ଚାପି ହୋଇ ରହିଯାଇଥିଲେ। ପାଟ୍ରୋଲିଂ କରୁଥିବା ରଘୁନାଥପୁର ଥାନା ଆଇଆଇସି ସୁଶାନ୍ତ କୁମାର ସେଠୀ ଖବରପାଇ ଉକ୍ତ ସ୍ଥାନରେ ପହଞ୍ଚି ରଘୁନାଥପୁର ଅଗ୍ନିଶମ ବାହିନୀକୁ ଡକାଇଥିଲେ। ରଘୁନାଥପୁର ଅଗ୍ନିଶ୍ରମ ବାହିନୀ ଏସଓ ବିଶ୍ୱରଞ୍ଜନ ବାସ୍କେ ଘଟଣାସ୍ଥଳରେ ବିରିଡି ଓ ଜଗତସିଂହପୁର ଅଗ୍ନିଶମ ବାହିନୀଙ୍କୁ ଡକାଇ ଉକ୍ତ ଟ୍ରକ ଭିତରୁ ୪ ଜଣଙ୍କୁ ଉଦ୍ଧାର କରି ରଘୁନାଥପୁର ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ଟ୍ରକତଳେ ଚାପି ହୋଇଥିବା ଶ୍ରମିକଙ୍କୁ ଉଦ୍ଧାର କଷ୍ଟସାଧ୍ୟ ଥିବାରୁ ଭୁବନେଶ୍ୱର ଅଡଭାନ୍ସ ରେସ୍କ୍ୟୁ ଟିମ ସହାୟତାରେ ଦୀର୍ଘ ୬ ଘଣ୍ଟା ପରେ ଉଦ୍ଧାର କରାଯାଇଥିଲା ଚାପିହୋଇ ରହିଥିବା ଉତ୍ତରପ୍ରଦେଶର ବିରବଲ (୨୭)ଙ୍କୁ। ଆମ୍ବୁଲାନ୍ସରେ ରଘୁନାଥପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଥିବାରୁ କଟକ ବଡମେଡିକାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଅହତ ଶ୍ରମିକମାନେ ହେଲେ ଉତ୍ତରପ୍ରଦେଶର ମନୋଜ କୁମାର, ଦିଲ୍ଲିପ କୁମାର, ରାମ ବିଲାସ, ଓମ୍ ପ୍ରକାଶ। ସମସ୍ତେ ଚିକିତ୍ସା ପରେ ସୁସ୍ଥ ଅଛନ୍ତି। ହେଲେ ଟ୍ରକ ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇଯାଇଛି।

## ଜିଲ୍ଲାରେ ପନିପରିବା ଫସଲର ଅଭାବୀ ବିକ୍ରି

# ଶସ୍ତାରେ ବିକିଲେ ବାଧୁଛି; ନ ଦେଲେ ସଢୁଛି

ଜଗତସିଂହପୁର, ୧୪।୨ (ସମିସ):

ଜଗତ୍‌ସିଂହପୁର ଜିଲ୍ଲାର କୃଷିପ୍ରଧାନ ଅଞ୍ଚଳର ପନିପରିବା ଚାଷୀମାନେ ଗତ ୧ମାସରୁ ଅଧିକ ହେବ ଟାମାଟୋ, ବନ୍ଧାକୋବି ଓ ବାଇଗଣ ପ୍ରଭୃତି ଫସଲର ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ନିଜସ୍ୱ ପ୍ରଚେଷ୍ଟାରେ ଫସଲ ଚାଷ, ଜଳସେଚନ ଓ ରୋଗପୋକ ନିୟନ୍ତ୍ରଣ କରି ଅମଳ କରୁଥିବା ଫସଲର ଲାଭ ଏବେ ଚାଷୀଙ୍କ ବଦଳରେ ବେପାରୀଙ୍କୁ ମିଳୁଥିବାରୁ ମୁଣ୍ଡଝାଳ ତୁଣ୍ଡରେ ମାରି ଦିନରାତି ପରିଶ୍ରମ କରୁଥିବା ଚାଷୀ ସର୍ବସ୍ୱାନ୍ତ ହେଉଥିବା ସୂଚନା ମିଳିଛି। ଏକପକ୍ଷରେ ବେପାରୀମାନେ ଏଗୁଡିକୁ ଚାଷୀଙ୍କ ଠାରୁ ଶସ୍ତାରେ କିଣି ଖାଉଟିଙ୍କୁ ବିକି ଲାଭବାନ ହେଉଥିବାବେଳେ ଅନ୍ୟପକ୍ଷରେ ଚାଷୀମାନେ ଉତ୍ପାଦନ ଖର୍ଚ୍ଚଠାରୁ ବହୁ କମ୍ ମୂଲ୍ୟରେ ବିକିବାକୁ ବାଧ ହେଉଥିବାରୁ ସେମାନଙ୍କର ଚାଷରେ କ୍ଷତିଘଟୁଥିବା ଅଭିଯୋଗ କରିଛନ୍ତି। ବେପାରୀଙ୍କୁ ସ୍ୱଳ୍ପ ମୂଲ୍ୟରେ ପନିପରିବା ବିକିଲେ ଚାଷ ଖର୍ଚ୍ଚକୁ ନେଇ ଚାଷୀକୁ ବାଧୁଥିବାବେଳେ, ନ ବିକିଲେ ଫସଲ ବିଲରେ ବନ୍ଧା କୋବି ଶୁଖି ଯାଉଥିବା ସମୟରେ ଟମାଟୋ ସଢୁଥିବା ପ୍ରକାଶ କରିଛନ୍ତି। ତେବେ ଫସଲର ଏହି ଅଭାବୀ ବିକ୍ରି ସମୟରେ ରାସାୟନିକ ସାର ଓ ଜଳସେଚନ ପାଇଁ ପମ୍ପସେଟ ଚଳାଇବାକୁ କିରୋସିନ ଦାମ ଅପରବର୍ତ୍ତିତ ରହିଥିବାରୁ ଏହାକୁ ନେଇ ଚାଷୀଙ୍କ ମୁଣ୍ଡରେ ଚଡକ ପଡ଼ିଛି। ଧାନ ଚାଷରେ ବିଶେଷ ଲାଭ ହେଉନଥିବାରୁ ପନିପରିବା ଫସଲରୁ ଚାଷୀ ହାତକୁ ବେଶ ଦୁଇ ପଇସା ଆସିଥାଏ। ଏହିଫସଲ ଚାଷରୁ ସେମାନଙ୍କ ପରିବାରର ବର୍ଷକର ଖର୍ଚ୍ଚ ଉଠିଥାଏ। ତେଣୁ ଚଳିତ କୃଷି ଋତୁରେ ଜିଲାର ବିଭିନ୍ନ ଅଞ୍ଚଳର ଚାଷୀମାନେ ଏକର ଏକର ଚାଷ ଜମିରେ କୋବି ଫସଲ ଚାଷ କରିଥିଲେ। ଜିଲ୍ଲାର ପରିବା ଗିନା କହିଲେ ରଘୁନାଥପୁରର ବ୍ଲକର ରେଢୁଆ, ରାଡଙ୍ଗ, ଇଛାପୁର, ଅଢେଇକୁଳ, ପୁରଣ, ପୁରୁଣାବସନ୍ତ, କୁଜଙ୍ଗ ବ୍ଲକର ରାହାମା, ତେରମାଣପୁର, ଜିଲ୍ଲାନାସୀ, ବାଲିକଣି, ତିର୍ତ୍ତୋଲ ବ୍ଲକର କୋଲର, ଜଗତସିଂହପୁର ବ୍ଲକର ଆଳିପିଙ୍ଗଳ, ଏରସୁଧା, ଜାହାନପୁର, ମଣ୍ଡାସାହି, ଓଡିଶୋ, ପାକନପୁର, ବାଲିକୁଦା ବ୍ଲକର ନହରଣା ଓ ବିରିଡି ବ୍ଲକର ଉତ୍ତର ଶାସନ, ମଧ ଶାସନ, ଦରଡାପାରି, ଶଙ୍ଖପୁର, ନୂଆଗାଁ, ଚାନ୍ଦପୁର, ମାଣତିର ତେନ୍ତୁଳିଆ, ନାଉଗାଁର ଦେବୀନଦୀ ପଠା ଅଞ୍ଚଳ ରୋହିଆ, ଗଳାଧାରୀ, ଅରଖକୁଦ, ଗଜରାଜପୁର, ଓସକଣା, ନୟାସିଙ୍ଗଡା, ଡେରିକି, ତିରୁଣା, ଗାରୋଇ, ତେଲସରା ଗ୍ରାମର ଶହ ଶହ ଚାଷୀ ଚଳିତ ବର୍ଷ ପନିପରିବା ଚାଷ କରିଥିଲେ। ଧାର କରଜ ଓ ବ୍ୟାଙ୍କ ଋଣରେ ବୁଡି ଚାଷୀ ଏହି ପନିପରିବା ଫସଲ ଚାଷ କରିଥିବା ବେଳେ ଅମଳ ସମୟରେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଥିବା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜଗତସିଂହପୁର ବ୍ଲକ ଓଡିଶୋ ପଞ୍ଚାୟତ ଅନ୍ତର୍ଗତ ବଣିଆସାହିଡିଅର ଚାଷୀ ବାସୁଦେବ ସ୍ୱାଇଁ କହନ୍ତି, ମୁଁ ଦୁଇ ଏକର ଜମିରେ ଚଳିତ ବର୍ଷ କୋବି ଫସଲ କରିଥିଲି। ନଭେମ୍ବର / ଡିସେମ୍ବର ମାସରେ ୨୪ ଡିସମିଲ ଜମିରେ ଆଗୁଆ କରିଥିବା କୋବି ଫସଲର କୋବି ଗୋଟାକ ୩୦ ଟଙ୍କାରେ ବିକ୍ରି କରି ଲାଭ କରିଥିବା ସମୟରେ ଜାନୁଆରୀ ଆରମ୍ଭରେ ବାହାରିଥିବା କୋବି ଗୋଟା ପ୍ରତି ଫୁଲ କୋବି ୧୦ଟଙ୍କା ଓ ବନ୍ଧା



### ଟମାଟୋ, କୋବି ଓ ବାଇଗଣ ତୋଳିବା ଖର୍ଚ୍ଚ ଉଠୁନି

### ଶୀତଳଭଣ୍ଡାର ନଥିବାରୁ ହୀନସ୍ତା ହେଉଛନ୍ତି ଚାଷୀ

କୋବି ୧୨ ଟଙ୍କାରେ ବିକ୍ରି କରୁଥିଲି। ଏବେ ବନ୍ଧା ଗୋଟିକ ବଜାରରେ ୧୦ ଟଙ୍କାରୁ ୧୨ ଟଙ୍କା ରହିଥିବା ସମୟରେ ଆମେ ୬ ଟଙ୍କାରେ ବେପାରୀଙ୍କୁ ଦେବାକୁ ବାଧ ହେଉଛୁ। ବର୍ତ୍ତମାନ ଚାଷ ମୂଲ୍ୟ ଛାଡନ୍ତୁ, ପାଣି ମଡାଇବା ମୂଲ୍ୟ ଓ କୋବି କାଟି ଅଖାରେ ଭରିବା ଓ ଟମାଟୋ ଟ୍ରେରେ ଭରିବା ମଜୁରୀ ଉଠୁନି। ବହୁ ଚାଷୀ ଆଉ ପାଣି ମଡାଉନଥିବା ସମୟରେ କେତେକ ଗାଈ ପୁରାଇ କ୍ଷେତରୁ ଫସଲ ଉଜାଡି ଦେଉଥିବା ସେ ପ୍ରକାଶ କରିଛନ୍ତି। ଏହି ଗ୍ରାମର ସରୋଜ ବେହେରା ମଧ ଦୁଇ ଏକର ଜମିରେ କୋବି କରିଥିବା କହିଛନ୍ତି। ସେ ଫସଲରେ ଚାଷରେ ୧ଲକ୍ଷ ୨୦ଟଙ୍କା ଖର୍ଚ୍ଚ କରିଥିବା ପ୍ରକାଶ କରିଛନ୍ତି। ଗତ ବର୍ଷ ତାଙ୍କୁ ଏହି ପରିମାଣର ଜମିରୁ ସାଢେ ୩ଲକ୍ଷ ମିଳିଥିବା ବେଳେ ଚଳିତ ବର୍ଷ ୬୦ ହଜାର ମଧ ଆୟ ହୋଇନଥିବା ସେ ପ୍ରକାଶ କରିଛନ୍ତି।

ସେହିପରି ଏହି ଗ୍ରାମର ଟମାଟୋ ଫସଲ ଚାଷୀ ବସନ୍ତ ପ୍ରଧାନ କହନ୍ତି, ଚଳିତ ବର୍ଷ ୫୦ ଡିସମିଲ ଜମିରେ ବିଲାତି ଚାଷ କରିଛି। ଗତବର୍ଷ ଅଧିକାଂଶ ସମୟରେ ବିଲାତି ଦାମ ଉଚ୍ଚା ରହିଥିଲା। ଏପରିକ ମାସ ମାସଧରି ୧୨୦ ଟଙ୍କା କିଗ୍ରା ପ୍ରତି ଦାମ୍‌ରେ ବିଲାତି ବିକ୍ରି ହୋଇଥିଲା। ବର୍ତ୍ତମାନ ବିଲାତି ଦାମ ୧୦ ଟଙ୍କା। ତେବେ ୫ରୁ ୬ଟଙ୍କା ରେ ବିଲାତି ବେପାରୀଙ୍କୁ ବିକ୍ରି କଲେ ଖର୍ଚ୍ଚର ଅଧା ମୂଲ୍ୟ ମଧ ଉଠୁନାହିଁ। ସେହିପରି ଏହି ଗ୍ରାମର କାର୍ତ୍ତିକ ବାରିକ, ରଞ୍ଜନ ମଣ୍ଡଳ ଫସଲ ଚାଷ ପାଇଁ ଧାର କରଜରେ ବୁଡିଥିବା ସମୟରେ ଫସଲର ଅଭାବୀ ବିକ୍ରିକୁ ନେଇ କେମିତି ବ୍ୟାଙ୍କ ଋଣ ସୁଝିବେ ସେଥିପାଇଁ ଚିନ୍ତାରେ।

ଅମଳ ସମୟରେ ସର୍ବନିମ୍ନ ମୂଲ୍ୟ ପାଉନଥିବାରୁ ଚାଷୀମାନଙ୍କ ଚିନ୍ତା ବଢ଼ିଛି। ବେପାରୀଙ୍କୁ ସ୍ୱଳ୍ପ ମୂଲ୍ୟରେ ପନିପରିବା ବିକିବାକୁ ଚାଷୀ ନିହାତି ବାଧ ହେଉଥିବା କଥା ପନିପରିବା ଚାଷୀ ବାନାମ୍ବର ସାମଲ କହିଛନ୍ତି। ସେହିପରି ବଜାରରେ ବାଇଗଣ ଦାମ ୧୦ ଟଙ୍କା ରହିଥିବା ସମୟରେ ବେପାରୀମାନେ ଚାଷୀଙ୍କଠାରୁ ୩ରୁ ୪ଟଙ୍କାରେ କିଣୁଥିବା ଚାଷୀ ପୁରଷ୍ତମ ଦାସ, କେଦାରନାଥ ସାହୁ ପ୍ରକାଶ କରିଛନ୍ତି। ଜିଲ୍ଲାରେ ଶୀତଳ ଭଣ୍ଡାର ନଥିବାରୁ ଚାଷୀ ନିକଟରେ ସଂରକ୍ଷଣର ସାମାନ୍ୟତମ ସୁବିଧା ନଥିବା ରଘୁନାଥପୁର ପନିପରିବା ଚାଷୀ ନୃସିଂହ ଲେଙ୍କା, ତାପସ ରାଉତ ଓ ଅରୁଣ ପଣ୍ଡା ପ୍ରମୁଖ ଅଭିଯୋଗ କରିଛନ୍ତି।

# ବରିଷ୍ଠ ନାଗରିକ ସଂଘର ବୈଠକ

ତିର୍ତ୍ତୋଲ, ୧୪।୨ (ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କନକପୁର ପଞ୍ଚାୟତ କଣ୍ଟାପଡ଼ାସ୍ଥିତ ଗୋପୀନାଥ ମନ୍ଦିର ପ୍ରାଙ୍ଗଣରେ ତିର୍ତ୍ତୋଲ ବ୍ଲକ ବରିଷ୍ଠ ନାଗରିକସଂଘର ଏକ ବୈଠକ ସମାଜସେବୀ ରାଜକିଶୋର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ ଟି ପଞ୍ଚାୟତ କନକପୁର, କୋଷ୍ଟିମଲ୍ଲିକାପୁର, କଟରା, ଗୋବିନ୍ଦପୁର, ମୁଳିସିଂ, ସଅାଁରା, ବିରିତୋଳ, ଗୋପାଳପୁର ଗ୍ରାମପଞ୍ଚାୟତର ବହୁ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ସଭାପତି ରାଜକିଶୋର ଦାଶ, ଶାରଦା ଚରଣ ଶତପଥି, ମନୋଜ କୁମାର ଖୁଣ୍ଟିଆ, ବ୍ରଜକିଶୋର ମଲ୍ଲିକ, ଧୂନଚନ୍ଦ୍ର ସେନାପତି, ଦୁର୍ଯ୍ୟୋଧନ ବାରିକ, ରବୀନ୍ଦ୍ର ରାଉତ, ଅଜୟ ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ବରିଷ୍ଠ ନାଗରିକ ମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଉପସ୍ଥିତ ସମସ୍ତ ସଦସ୍ୟଙ୍କ ଭାବାବେଗକୁ ସମ୍ମାନ ଜଣାଇ ଆସନ୍ତା ୨୫ ତାରିଖରେ ଜିଲ୍ଲା ସଂଘର କର୍ମକର୍ତ୍ତା ମାନଙ୍କୁ ନିମନ୍ତ୍ରଣ କରାଯାଇ ଏକ ବୈଠକ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଥିଲା। ବୈଠକରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ରାଜ୍ୟସରକାରଙ୍କୁ ଏକ ଦାବିପତ୍ର ଦେବାକୁ ନିଷ୍ପତ୍ତି ନିଆଗଲା। ପରେ ବ୍ଲକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇ ସର୍ବସମ୍ମତି କ୍ରମେ ସଭାପତି-ରାଜକିଶୋର ଦାଶ, କାର୍ଯ୍ୟକାରୀ ସଭାପତି-ଶାରଦା ଚରଣ ଶତପଥି, ସମ୍ପାଦକ-ରାଜକିଶୋର ସ୍ୱାଇଁ, ସହସମ୍ପାଦକ-ଅଜୟ କୁମାର ଦାସ, କୋଷାଧ୍ୟକ୍ଷ ଧୂନଚନ୍ଦ୍ର ସେନାପତିଙ୍କୁ ନିର୍ବାଚିତ କରାଯାଇଥିଲା। ଉପଦେଷ୍ଟା ମଣ୍ଡଳୀ ପାଇଁ ମନୋଜ କୁମାର ଖୁଣ୍ଟିଆ, ଦୁର୍ଯ୍ୟୋଧନ ବାରିକ, ବ୍ରଜକିଶୋର ମଲ୍ଲିକ, ରମେଶ ଚନ୍ଦ୍ର କୁଅାଁର, ନବକିଶୋର ଦାସ, ପ୍ରଦୀପ୍ତ ବେଉରା, ଧୃବଚରଣ ଦତ୍ତଙ୍କୁ ମନୋନୀତ କରାଯାଇଥିଲା।

# ସହିଦ ପ୍ରସନ୍ନଙ୍କ ଶ୍ରାଦ୍ଧବାର୍ଷିକୀ



ନାଉଗାଁ, ୧୪।୨ (ସମିସ): ପୁଲୱାମା ଆତଙ୍କବାଦୀ ଆକ୍ରମଣକୁ ପାଞ୍ଚ ବର୍ଷ ପୁରିଯାଇଥିବେଳେ ଏହିଘଟଣାରେ ସହିଦ୍ ହୋଇଥିବା ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଶିଖର ପଞ୍ଚାୟତ ପାରିଶିଖର ଗାଁର ପ୍ରସନ୍ନ ସାହୁଙ୍କୁ ମନେପକାଇ ତାଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଅବସରରେ ପାରିଶିଖର ଗ୍ରାମରେ ଉତ୍କଳ ସେବା ନିବୃତ୍ତ ସେନାନୀ ସଂଘ ଓ ସହିଦ୍ ବୋର୍ଡର ମିଳିତ ଆନୁକୂଲ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଦ୍ୟୁମ୍ନ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଭୁବନେଶ୍ୱର ସିଆରପିଏଫ ଗ୍ରୁପ୍‌ର ଡିଆଇଜିପି ଭରତ ଭୂଷଣ ସେଠୀ, କମାଣ୍ଡେଣ୍ଟ ଆନନ୍ଦ କୁମାର ଝାଙ୍କ ସମେତ ଜଗତସିଂହପୁର ଉତ୍କଳ ସେବା ନିବୃତ୍ତ ସେନାନୀ ସଂଘର ଶତାଧିକ ଭୂତପୂର୍ବ ସୈନିକ ଓ ମହାଦେବବସ୍ତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀ ଉପସ୍ଥିତ ରହି ଅମର ସହିଦ୍ ପ୍ରଶନ୍ନ ସାହୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପାର୍ଥନା କରିଥିଲେ।

# ବରିଷ୍ଠ ଶିକ୍ଷକଙ୍କ ପରଲୋକରେ ସ୍ମୃତିସଭା



ପାରାଦୀପ, ୧୪।୨ (ସମିସ): ପାରାଦୀପଗଡ଼ର ବରିଷ୍ଠ ଶିକ୍ଷକ ଫକୀର ତରାଇଙ୍କ ଏକାଦଶାହ ଅବସରରେ ବୁଧବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା ତାଙ୍କ ବାସଭବନରେ। ବିଶିଷ୍ଟ ସମାଜସେବୀ ଶ୍ରୀବଲ୍ଲବ କର, ବରିଷ୍ଠ ଆଇନିଜୀବୀ ସଞ୍ଜୟ ବେହେରା, ଜୀବନ ବେହେରା, ପ୍ରକାଶ ଚନ୍ଦ୍ର ଦଳାଇ, ସାହିତ୍ୟିକ ଗୋଲାପ ରାଣୀ ସାହୁ, ଏସ୍କେ ଏକାଡେମୀର ଅଧ୍ୟକ୍ଷ ପାକୁନି ସାହୁ, ନିମାଇଁ ଚରଣ ମହାପାତ୍ର, ୪ ନମ୍ବର ଜିଲ୍ଲା ପରିଷଦ କନକ ପ୍ରଭା ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ। ତାଙ୍କ ଆକସ୍ମିକ ଦେହାନ୍ତ ଅଞ୍ଚଳ ପାଇଁ ଏକ ଅପୁରାଣୀୟ କ୍ଷତି ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ।

# ସୁବ୍ରତଙ୍କୁ ଝୁରିଲେ ସାଙ୍ଗସାଥୀ

ରଘୁନାଥପୁର, ୧୪।୨ (ସମିସ): ସାଲେପୁର ଥାନା ଅଞ୍ଚଳରେ କଟକ-ଚାନ୍ଦବାଲି ରାସ୍ତାରେ ଗତ ୨ତାରିଖ ରାତିରେ ସୁବ୍ରତ ସିଂ ଓ ତାଙ୍କ ସାଙ୍ଗ ବିଶ୍ୱଜିତ୍ ପଣ୍ଡା ବାଇକରେ ଟାଙ୍ଗି ଭଗତପୁର - ନିଶ୍ଚିନ୍ତକୋଇଲିକୁ ଫେରୁଥିବା ବେଳେ ବସ ଧକ୍କା ଦେଇଥିଲା। ୨ ସାଙ୍ଗଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ରଘୁନାଥପୁର ଅନ୍ତର୍ଗତ ଗୋକୁଳପୁରମ ଗ୍ରାମରେ ସ୍ୱର୍ଗତ ସୁବ୍ରତଙ୍କ ବାସଭବନରେ ଏକାଦଶାହ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ଆୟୋଜିତ କରାଯାଇଥିଲା। ତାରପୁର ନାଏବ ସରପଞ୍ଚଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ନବଦୀପ ସିଂହଙ୍କର ଏକମାତ୍ର ପୁତ୍ର ସୁବ୍ରତ ସିଂହ (ବାପ୍ପୁ)ଙ୍କ ଅକାଳ ବିୟୋଗରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ସଭାରେ ବିଜେଡି ନେତା ଯୁଧିଷ୍ଠିର ସେଠୀ, ରମାକାନ୍ତ ଭୋଇ, ସଂଗ୍ରେସ ନେତା ହିମାଂଶୁ ମଲ୍ଲିକ, ଅସିତ ପ୍ରଧାନ, ସ୍ୱର୍ଗତ ସୁବ୍ରତଙ୍କ ସାଙ୍ଗ ଦାଦା ସାମ୍ବାଦିକ ସୁବାସଚନ୍ଦ୍ର ସିଂହ, ସାଙ୍ଗ ଦେବାଶିଷ ମହାନ୍ତି, ପ୍ରଶାନ୍ତ ଦାସ, ସିଦ୍ଧାନ୍ତ ଓଝା, ପଞ୍ଚୁ ଦାସ, କାହ୍ନୁ ବେହେରା, ବାବୁ ମହାନ୍ତି, ଗ୍ରାମର ମୁରବି ଗୋବର୍ଦ୍ଧନ ସିଂହ, ସାରଦା ପ୍ରସନ୍ନ ସିଂହ, ଅଭିମନ୍ୟୁ ସିଂହ, ବିଭୁତି ବିଶ୍ୱାଳ, ସ୍ୱପ୍ନ କୁମାର ସିଂହ, ଶ୍ୟାମସୁନ୍ଦର ଦାସ, ଶରତ ଚନ୍ଦ୍ର ସିଂହ ସମେତ ସାଙ୍ଗ ସାଥି ବନ୍ଧୁ ବରିବାର ବର୍ଗତ ସ୍ୱର୍ଗତ ସୁବ୍ରତଙ୍କ ସ୍ମୃତିକୁ ମନେପକାଇ ଝୁରୁଥିଲେ। ଏହି ସଭାରେ ଉପସ୍ଥିତ ରହି ସୁବ୍ରତଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗନ୍ନାଥଙ୍କ ନିକଟରେ ପାର୍ଥନା କରିଥିଲେ।



## ■ ଅଳକା ଆଶ୍ରମର ପ୍ରତିଷ୍ଠା ଦିବସ

# ଗାନ୍ଧୀବାଦୀ ଭଗବାନ ପ୍ରକାଶଙ୍କୁ ଅଳକା ଆଶ୍ରମ ସେବା ସମ୍ମାନ



ଜଗତସିଂହପୁର, ୧୪।୨ (ସମିସ): ସ୍ୱାଧୀନତା ସଂଗ୍ରାମୀଙ୍କ ଅନ୍ତୁଡିଶାଳ ଅଳକା ଆଶ୍ରମର ୧୦୨ ତମ ପ୍ରତିଷ୍ଠା ଦିବସ ପବିତ୍ର ଶ୍ରୀପଞ୍ଚମୀ ଅବସରରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସ ଉତ୍ସବରେ ଜିଲ୍ଲାର ବିଭିନ୍ନ କୋଣରୁ ୨୨୩ ଜଣ ଯୁବକ/ଯୁବତୀ ଦିନିକିଆ କର୍ମଶାଳାରେ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ଖ୍ୟାତି ସମ୍ପନ୍ନ ଜିଲ୍ଲାର ସଫଳ ବ୍ୟକ୍ତିତ୍ୱଙ୍କ ଅଭିବ୍ୟକ୍ତି ଶୁଣିବା ସହିତ ଭବିଷ୍ୟତ ଜୀବନ ପାଇଁ ମାର୍ଗଦର୍ଶନ ନେଇଥିଲେ। ଉକ୍ତ କର୍ମଶାଳାରରେ ତିନୋଟି ଆଲୋଚନାଚକ୍ରରେ ୨୫ଜଣରୁ ଉର୍ଦ୍ଧ୍ୱ ଯୁବ ବିଶେଷଜ୍ଞ ନିଜର ମତାମତ ରଖିଥିଲେ। ଏହି ଅବସରରେ ବିଶିଷ୍ଟ ଗାନ୍ଧୀବାଦୀ ଡଃ ଭଗବାନ ପ୍ରକାଶଙ୍କୁ ତାଙ୍କ ଜୀବନବ୍ୟାପୀ ତ୍ୟାଗପାଇଁ ଅଳକା ଆଶ୍ରମ ସେବା ସମ୍ମାନ-୨୦୨୪ ପ୍ରଦାନ କରାଯାଇଥିବା ବେଳେ ଡଃ ଅଶୋକ କୁମାର କର୍ଣ୍ଣଙ୍କୁ ପ୍ରଶାସନିକ କ୍ଷେତ୍ରରେ ସମର୍ପିତ କାର୍ଯ୍ୟପାଇଁ ଅଳକା ଆଶ୍ରମ ଯୁବ ସେବା ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରେର ଗାନ୍ଧୀବାଦୀ ଡ. ଅରୁନ୍ଧତୀ ଦେବୀ, ପୂର୍ବତନ ମହିଳା ଆୟୋଗର ଅଧ୍ୟକ୍ଷା ଲୋପାମୁଦ୍ରା ମହାନ୍ତି, ଇସ୍ରୋ ମହାକାଶ ବିଜ୍ଞାନୀ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ସମାଜସେବୀ ବିନାୟକ ପଟ୍ଟନାୟକ, ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ପ୍ରଶାନ୍ତ ଦାସ, ଯଜ୍ଞଶୀଶ ମହାପାତ୍ର ପ୍ରମୁଖ ଅତିଥିଭାବରେ ଯୋଗଦେଇଥିଲେ। ବିଶେଷଜ୍ଞଙ୍କ ମଧ୍ୟରେ କ୍ଷେତ୍ରମୋହନ ବେହେରା, ଶ୍ରୀଚରଣ ରାଉତ, ଡ. ଦେବଦତ୍ତ ସାମନ୍ତରାୟ, ଡ. କୈଳାସ ଚନ୍ଦ୍ର ମହାରଣା, ସ୍ମୃତିରଞ୍ଜନ ମିଶ୍ର, ଜନ ମେଜର ଦଳାଇ, ଡ. ତୃପ୍ତି ରଞ୍ଜନ ଦାସ, ପ୍ରଫୁଲ ଖଣ୍ଡାୟତ ରାୟ, ସୌମ୍ୟଜିତ ମହାପାତ୍ର, ବିପ୍ଳବ ଚୌଧୁରୀ, ପ୍ରଶାନ୍ତ ମଲ୍ଲିକ, ଡ. ରମାକାନ୍ତ ଭୋଇ, ଡ. ଶଶାଙ୍କ ଶେଖର ସାହାଣୀ, ସସ୍ମିତା ଦାସ, ଭାରତୀ ମହାପାତ୍ର, ସ୍ନେହମୟୀ ଆଚାର୍ଯ୍ୟ, ଡ. ଜ୍ୟୋତିର୍ମୟୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

## କୁଜଙ୍ଗରେ ସିପିଆଇର ସାଧାରଣ ବୈଠକ

# ଶ୍ରମିକ, କୃଷକ ଓ ଗ୍ରାହକ ଶୋଷିତ; ଜନଆନ୍ଦୋଳନ ପାଇଁ ଆହ୍ୱାନ

କୁଜଙ୍ଗ, ୧୪।୨ (ସମିସ):

କୁଜଙ୍ଗ ସ୍ଥିତ ଲୋକନାଥ ଭବନରେ କୁଜଙ୍ଗ-ପାରାଦ୍ୱୀପ ଆଞ୍ଚଳିକ କମିଟି ତରଫରୁ ସିପିଆଇର ସାଧାରରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକେରେ ଚାଷୀ ନେତା କମ୍ରେଡ୍ ଶ୍ରୀନିବାସ ଜୁଝାରସିଂହ ଓ କଲ୍ୟାଣୀ ଦାସ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ସିପିଆଇ ଜାତୀୟ କମିଟିର ସଦସ୍ୟ କମ୍ରେଡ୍ ରାମକୃଷ୍ଣ ପଣ୍ଡା ଯୋଗଦେଇ ଆଗାମୀ ଦିନରେ ବାମପନ୍ଥୀମାନଙ୍କର ଭୂମିକା ଓ କୃଷକ ଶ୍ରମିକ, ଛାତ୍ର, ଯୁବକ ଓ ମହିଳାମାନଙ୍କ ପାଇଁ ଲଢେଇ ସମ୍ପର୍କରେ ମାର୍ଗଦର୍ଶନ କରି ବୈପ୍ଳବିକ ଆହ୍ୱାନ ଦେଇଥିଲେ। ଦେଶରେ ଭାଜପା ନେତୃତ୍ୱରେ ଚାଲିଥିବା ସରକାର କୃଷକ, ଶ୍ରମିକ ଓ ମହିଳା ବିରୋଧୀ ବୋଲି କହିବା ସହ ଏବେ ଇଡି, ସିବିଆଇର ଦୂରୋପଯୋଗ କରାଯାଇ ଜନପ୍ରତିନିଧି ଏପରିକି ମୁଖ୍ୟମନ୍ତ୍ରୀ ଓ ଅନ୍ୟାନ ରାଷ୍ଟ୍ରୀୟ ନେତାଙ୍କ ସ୍ୱରକୁ ଦବାଇ ଦେବାକୁ ଅପଚେଷ୍ଟା କରାଯାଉଛି। ଏଭଳି ବିକଳ ସ୍ଥିତିରେ କମ୍ରେଡ୍ ଲୋକଙ୍କ ସହ ରହି ଲୋକଙ୍କ ପାଇଁ ଲଢେଇ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ସିପିଆଇର ଜିଲ୍ଲା ସମ୍ପାଦକ କମ୍ରେଡ୍ ଅଭିଜିତ ସାହୁ ବକ୍ତବ୍ୟ ଦେଇଥିଲେ। ରାଜ୍ୟ ପରିଷଦ ସଭ୍ୟା ତଥା ଜୋନ୍ ସମ୍ପାଦିକା କମେଡ୍ ଜୀନ୍ମୟୀ ସାହାଣୀ, ଶରତ ଚନ୍ଦ୍ର ବେହେରା, ଶ୍ରମିକ ନେତା ସୁବାସ ମହାପାତ୍ର, ରବି ମାଝୀ, ରବୀନ୍ଦ୍ର ମହାପାତ୍ର, ବିଷ୍ଣୁ ଚରଣ ମୁଦୁଲି, ଶରତ ବଳିୟାରସିଂହ, ଅଜୟ ବେହେରା, ସଲୀଳ ସାମନ୍ତରାୟ, ଶ୍ରୀଧର ସ୍ୱାଇଁ, କେଶବ ଦଳାଇ, ନୀରଞ୍ଜନ ସାମଲ, ପ୍ରତିମା ମଲିକ, କଲ୍ୟାଣୀ ଦାସ, ଗୌତମ ଦାସ, ପ୍ରଶାନ୍ତ ପ୍ରଧାନ, ସୁଜାତା ସ୍ୱାଇଁ, ନିମାଇଁ ମହାପାତ୍ର, ଅଭୟ ସାମଲ, କୃତୀବାସ ସ୍ୱାଇଁ, ନିରଞ୍ଜନ ସାମଲ, ଦେବେନ୍ଦ୍ର ଆଚାର୍ଯ୍ୟ, ଦାମୋଦର ତାରାଇ, ସାଗର ତରାଇ, ରବୀନ୍ଦ୍ର ତରାଇ, ଉଷା ମଲିକ, ଗୀତା ମହାନ୍ତି ଉପସ୍ଥିତ ଥିଲେ।



# ପଞ୍ଚାୟତସ୍ତରୀୟ ସଚେତନତା ଶିବିର

ତିର୍ତ୍ତୋଲ, ୧୪।୨ (ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ଠାରେ ରାଜ୍ୟସରକାରଙ୍କ ଆମ ଓଡ଼ିଶା ନବୀନ ଓଡ଼ିଶା ତରଫରୁ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ସ୍ଥାନୀୟ ସରପଞ୍ଚ ସୁଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ସମ୍ମାନିତ ଅତିଥି ତିର୍ତ୍ତୋଲ ବିଡିଓ ତପନ କୁମାର ସେନାପତି, ଜିଲ୍ଲାପରିଷଦ ସଭ୍ୟ ଗଙ୍ଗାଧର ବିଶ୍ୱାଳ, ସମିତି ସଭ୍ୟ ହମିଦା ବେଗମ, ଏବିଡିଓ ସତ୍ୟଜିତ ସ୍ୱାଇଁ, ପିଇଓ ଲତିକା ମଞ୍ଜରୀ ରାଉତ ପ୍ରମୁଖ ଯୋଗଦେଇ ରାଜ୍ୟସରକାରଙ୍କ ଜନକଲ୍ୟାଣ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପାଲା ମାଧ୍ୟମରେ ରାଜ୍ୟସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ପ୍ରତିଭାଧର ବ୍ୟକ୍ତି ବିଶେଷ ଓ କୃତିଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହିଳା ସ୍ୱୟଂ ସହାୟକ ଗୋଷ୍ଠି ଓ ରାଜ୍ୟସରକାରଙ୍କ ବିଭିନ୍ନ ବିଭାଗର ଜନହିତକର ଯୋଜନାର ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ସେହିପରି କନକପୁର ପଞ୍ଚାୟତରେ ସ୍ଥାନୀୟ ସରପଞ୍ଚ ରେବତୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତସ୍ତରୀୟ ସଚେନତତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ବ୍ଲକ ଅଧ୍ୟକ୍ଷ ଶ୍ରୀ ବେହେରା, ସମ୍ମାନିତ ଅତିଥି ଉପାଧ୍ୟକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ଜିଲାପରିଷଦ ସଭ୍ୟ ଶ୍ରୀ ବିଶ୍ୱାଳ, ଏବିଡିଓ ଶ୍ରୀ ସ୍ୱାଇଁ, ଜିପିଓ ବିଶ୍ୱଜିତ ମହାପାତ୍ର, ଓଡ଼ିଶା ଜୀବିକା ମିଶନର ବିପିଏମ କଳ୍ପନା ଦଳାଇ ପ୍ରମୁଖ ଯୋଗଦେଇଥିଲେ। ସମାଜସେବୀ ଅଶୋକ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ



**ମାର୍ଥାପୁର, ୧୪।୨(ସମିସ):** ଢେଙ୍କାନାଳ ଜିଲ୍ଲାର ଭୁବନ ବ୍ଲକ ଅନ୍ତର୍ଗତ ମଠକରଗୋଳା ପଞ୍ଚାୟତର ବାଲିସାହି ଗ୍ରାମରେ ଅବସ୍ଥିତ ଜଗନ୍ନାଥ ମନ୍ଦିରର ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ପ୍ରତିଷ୍ଠା ଉପଲକ୍ଷେ ପ୍ରଭାତରୁ ଶତାଧିକ ଶ୍ରଦ୍ଧାଳୁ ଗ୍ରାମକୁ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ହରିନାମ ପରିବେଷଣ କରି ମନ୍ଦିର ନିକଟରେ ପହଞ୍ଚିବା ପରେ ବେଦଜ୍ଞ ବ୍ରାହ୍ମଣଙ୍କ ଦ୍ୱାରା ହୋମ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ସ୍ଥିତ ରାଧା ବଲ୍ଲଭ ମଠର ଶରତ ବାବା ଯୋଗ ଦେଇଥିଲେ। ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ମନ୍ଦିର କମିଟିର ସଭ୍ୟ କୋଦଣ୍ଡ ବେହେରା, ପବିତ୍ର ମୋହନ ବେହେରା, ଦିବସ ବେହେରା ପ୍ରମୁଖ ସୁଚାରୁ ରୂପେ ସମ୍ପାଦନ କରିଥିଲେ।

# ଲୁହାଛଡ଼ରେ ପିଟି ମହିମା ବାବାଙ୍କୁ ହତ୍ୟା



**ଭୁବନ, ୧୪।୨(ସମିସ)**

ଢେଙ୍କାନାଳ ଜିଲ୍ଲାର ଭୁବନ ବ୍ଲକ ବାରୁଆଁ ପଞ୍ଚାୟତ ବାରୁଆଁ ଗ୍ରାମରେ ଥିବା ମହିମା ପୀଠର ବାବାଙ୍କୁ ତାଙ୍କ ଚେଲା ଲୁହା ଛଡ଼ରେ ପିଟି ହତ୍ୟା କରିଛି। ମିଳିଥିବା ସୂଚନାଯାଥୀ ବାରୁଆଁ ଗ୍ରାମରେ ଦୀର୍ଘ ୫୦ବର୍ଷ ହେଲା ମହିମା ମଠରେ ମହନ୍ତ ଥିବା ପରମାନନ୍ଦ ବାବା ରହୁଥିଲେ। ସେଠାର ତାଙ୍କର ଚେଲା ଅରୂପାନନ୍ଦ ସାହୁ ମଧ୍ୟ ରହୁଥିଲେ। ଗତ ୧୯ ତାରିଖ ଦିନ କୌଣସି କାରଣରୁ ଏକ ଲୁହା ଛଡ଼ରେ ଚେଲା ଗୁରୁଙ୍କୁ ନିସ୍ତୁକ ମାଡ଼ ମାରିଥିଲା। ଏହି ମାଡ଼ରେ ବାବାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର କିମସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେ ଟିକେ ସୁସ୍ଥ ହେବା ପରେ ଗ୍ରାମକୁ ଫେରିଥିଲେ। ଘଟଣାକୁ ନେଇ ଭକ୍ତ ଅନନ୍ତ ସାମଲଙ୍କ

## ଜେଲ୍ ଗଲା ଚେଲା

ଅଭିଯୋଗ କ୍ରମେ ଚେଲା କଙ୍କଡ଼ାହାଡ଼ ଥାନା ଅନ୍ତର୍ଗତ କୋଲିବନିଆ କାଟେଣୀ ଗ୍ରାମର ମୁରଲୀଧର ସାହୁଙ୍କ ପୁଅ ଆରୂପନନ୍ଦ ସାହୁ (୫୫)ଙ୍କୁ ପୁଲିସ ଗିରଫ କରି ବିଚାର ବିଭାଗୀୟ ହାଜତକୁ ପାଠାଇଛି। ମଠରେ ଥିବା ଅବସ୍ଥାରେ ବାବାଙ୍କର ମୃତ୍ୟୁ ହୋଇଛି। ଖବର ପାଇବା ପରେ ପୁଲିସ ସହାୟତାରେ ଭୁବନ ଡାକ୍ତରଖାନାରେ ବାବାଙ୍କ ଶବ ବ୍ୟବଚ୍ଛେଦ କରାଯାଇଛି। ବାବାଙ୍କ ମୃତ୍ୟୁ ଖବରପାଇ ତାଙ୍କ ଶେଷ ଦର୍ଶନ ନିମନ୍ତେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ସରପଞ୍ଚ ବୀଣାପାଣି ସାହୁ, ସମାଜସେବୀ ବିନୟ କୁମାର ସାହୁ, ଚିତ୍ତରଞ୍ଜନ ମହାକୁଡ଼ ପ୍ରମୁଖ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ। ଭକ୍ତ ସମାଜ ପକ୍ଷରୁ ବିଜୟ କୁମାର ମହାନ୍ତିଙ୍କ ସହଯୋଗରେ ଶବ ସତ୍କାର କରାଯାଇଛି।

**ଚଳିତବର୍ଷର ଯୁକ୍ତ ଦୁଇ ପରୀକ୍ଷା**

# ଭାଗନେବେ ଜିଲ୍ଲାର ୧୦,୫୨୭ ଛାତ୍ରଛାତ୍ରୀ

**ଢେଙ୍କାନାଳ,୧୪।୨ (ସମିସ)**

ଢେଙ୍କାନାଳ ଜିଲ୍ଲାରେ ଥିବା ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୁଡ଼ିକରେ ଶୁକ୍ରବାରଠାରୁ ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ ହେବାକୁଯାଉଛି। ଜିଲ୍ଲାରେ ମୋଟ ୧୦ ହଜାର ୫୨୭ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ କଳାରେ ୬ ହଜାର ୯୬୨, ବିଜ୍ଞାନରେ ୩ ହଜାର ୧୯୯ ଏବଂ ବାଣିଜ୍ୟରେ ମୋଟ ୩୬୬ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ଜଣାପଡ଼ିଛି।

ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଖଡ଼ଗପ୍ରସାଦ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୬୧, କୁରୁମୁଣା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୧୨୩, ସିମିଳଈ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୨୨୪, ବିଜ୍ଞାନରେ ୨୯, ବେଲଟିକିରି ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୧୦୩, ଅଷ୍ଟଶମ୍ଭୁ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୮୨, ଭୁବନ ବାଜି ରାଉତ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୨୩୩, ବିଜ୍ଞାନରେ ୫୨ ଓ ବାଣିଜ୍ୟରେ ୧୯ ଜଣ, ଗଡ଼ପଳାଶୁଣୀ ବାପୁଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୧୮୨, ଢେଙ୍କାନାଳ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୨୪୯, ବିଜ୍ଞାନରେ ୨୪୬, ବାଣିଜ୍ୟରେ ୧୦୭, ବିଦ୍ୟାର୍ଥୀ ରେସିଡେନସିଆଲରେ ବିଜ୍ଞାନରେ ୨୦୫, ଇଟେକରେ ୨୮୬, ସାଇକୃପା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ବିଜ୍ଞାନରେ ୧୪୮, ଭାର୍ଗବୀ ଉଚ୍ଚ ମାଧ୍ୟମିକବିଦ୍ୟାଳୟରେ କଳାରେ ୧୪୧ ଜଣ, ବିଆଇଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନରେ ୩୯, ଅଧ୍ୟୟନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନରେ ୧୫, ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୧୩୨, ବିଜ୍ଞାନରେ ୧୪୦, ବାଣିଜ୍ୟରେ ୧୮ଜଣ, ଇଟେକ ମହିଳା ବିଜ୍ଞାନରେ ୧୧ଜଣ, ହିନ୍ଦୋଳ ଖଜୁରିଆକଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୨୪୬, ବିଜ୍ଞାନରେ ୧୩୯, ସାତମାଇଲ ଉଚ୍ଚ

## କଳାରେ ୬, ୯୬୨, ବିଜ୍ଞାନରେ ୩, ୧୯୯ ଓ ବାଣିଜ୍ୟରେ ୩୬୬

ମାଧ୍ୟମିକ ବିଦ୍ୟାଳୟରେ କଳାରେ ୨୫୪, ବିଜ୍ଞାନରେ୪୨, ଜିରାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳରେ କଳାରେ ୯୨, ବିଜ୍ଞାନରେ ୭୦, ବାଣିଜ୍ୟରେ ୫ଜଣ, କଙ୍କଡାହାଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୧୮୩, କାମାକ୍ଷାନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୧୪୮, ବିଜ୍ଞାନରେ ୧୦୫, ବାଣିଜ୍ୟରେ ୧୦ଜଣ, କଙ୍କଡାହାଡ଼ ଖାରବେଳ ଏକାଡେମୀରେ ବିଜ୍ଞାନରେ ୪୮ଜଣ, ଗଁଦିଆ କପିଳାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୨୩୩, ବିଜ୍ଞାନରେ ୬୪, ରାସୋଳ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୧୨୦, ଯୋରନ୍ଦା ମହିମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୨୬୫, ବିଜ୍ଞାନରେ ୫୬, ବାଣିଜ୍ୟରେ ୬ଜଣ, ମଠକରଗୋଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୨୮୭, ବିଜ୍ଞାନରେ ୧୨୯, ବାଣିଜ୍ୟରେ ୨୪ଜଣ, ଓଡାପଡ଼ା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୨୩୫, ବିଜ୍ଞାନରେ ୫୪, ବାଣିଜ୍ୟରେ ୬ଜଣ, ମହାବିରୋଡ଼ ପଳାଶୁଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୨୦୫, ବିଜ୍ଞାନରେ ୧୨୫, ଗେଙ୍ଗୁଟିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୯୦, ପରଜଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୧୫୦, ବିଜ୍ଞାନରେ ୧୫୭, ବାଣିଜ୍ୟରେ ୧୬ଜଣ, ପାଇକ ପୁରୁଣାକୋଟ ପାରିକୂଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୧୧୩, ପାରିମାଳ ପଣ୍ଡୁଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୨୫୪, ବିଜ୍ଞାନରେ ୬୫, ବାଣିଜ୍ୟରେ ୨୩ଜଣ, ସାଆନ୍ଦା ରିଜିଓନାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୩୧୬, ବିଜ୍ଞାନରେ ୩୮୪, ବାଣିଜ୍ୟରେ ୪୮ଜଣ, ଷଡଙ୍ଗୀସ୍ଥିତ ଶ୍ରୀଧର ସ୍ୱାମୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୧୮୯, ବିଜ୍ଞାନରେ ୯୧, ବାରୁଆଁ ଶ୍ରୀଶ୍ରୀ ବାଲୁଙ୍କେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୧୦୦, ପିଙ୍ଗୁଆ ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୧୭୪, ଗୋବିନ୍ଦପୁର ଉତ୍କଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୧୦୧, କାମାକ୍ଷାନଗର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୧୨୮, ବିଜ୍ଞାନରେ ୨୮, ଭୁବନ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୧୪୨, ବିରାଶାଳ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୧୬୮, ଭାପୁର ସ୍ଥିତ ଦେବେନ୍ଦ୍ର ଶତପଥୀ ମେମୋରିଆଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୨୪୧, ବିଜ୍ଞାନରେ ୫, ବାରିହାପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୯୩, ବଣସିଂହ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୧୧୨, ବିଜ୍ଞାନରେ ୧୩, ହିନ୍ଦୋଳ ରିଜିଓନାଲଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୧୬୬, ବିଜ୍ଞାନରେ ୫୯, ବାଣିଜ୍ୟରେ ୧୭, ନୂଆହତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୧୬୮, ଢେଙ୍କାନାଳ ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୧୦୨, ବିଜ୍ଞାନରେ ୩୩, ବାଣିଜ୍ୟରେ ୧୯, କୁନିନ୍ଦାତପୋବନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୧୩୭, ଇନ୍ଦିପୁର ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୧୨୭, ବିଜ୍ଞାନରେ୪୮, ଗୁନେଇବିଲି ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୭୨, ବିଜ୍ଞାନରେ ୩୪, ଗଉଡକାଟେଣୀ ସ୍ଥିତ ସତ୍ୟମ ଶିବମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୧୬୨, ବିଜ୍ଞାନରେ ୬୯ଜଣ ପରୀକ୍ଷାର୍ଥୀ ପରୀକ୍ଷାଦେବେ ବୋଲି ଜଣାପଡ଼ିଛି। ପରୀକ୍ଷାକୁ କଡ଼ାକଡ଼ି କରିବା ସହିତ କପି ରୋକିବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ସିସିଟିଭିର ଲାଇଭ ଷ୍ଟ୍ରିମିଂର ବ୍ୟବସ୍ଥା ହୋଇଛି।

# ନୂତନ ଥାନାଧିକାରୀଙ୍କ ଯୋଗଦାନ



**କାମାକ୍ଷାନଗର, ୧୪।୨(ସମିସ):** ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଥାନାରେ ବୁଧବାର ନୂତନ ଥାନା ଅଧିକାରୀ ଭାବେ ଧୀରେନ କୁମାର ବେହେରା କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଏହା ପୂର୍ବରୁ ସେ ଅନୁଗୋଳ ଜିଲ୍ଲାର ସଦର ଥାନାରେ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଅନୁଗୋଳ ଜିଲ୍ଲାରୁ ଢେଙ୍କାନାଳ ଜିଲ୍ଲାକୁ ବଦଳି ହେବାରୁ ସୋମବାର ଦିନ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଜିଲ୍ଲା ଆରକ୍ଷୀ ଅଧିକାରୀ ସନ୍ଦୀପ ସମ୍ପଦ ମଡକରଙ୍କ ନିର୍ଦ୍ଦେଶ କ୍ରମେ କାମାକ୍ଷାନଗର ଥାନା ଏସଆଇ ସ୍ୱର୍ଣ୍ଣପ୍ରଭା ସାହୁଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଠାରେ ଥିବା ଥାନା ଅଧିକାରୀଙ୍କ ବ୍ରହ୍ମପୁରକୁ ବଦଳି ହୋଇଥିବାରୁ ପ୍ରାୟ ୧୦ ଦିନ ଧରି କାମାକ୍ଷାନଗର ଥାନା ଅଧିକାରୀ ପଦବୀ ଖାଲି ଥିଲା। କାମାକ୍ଷାନଗର ଅଞ୍ଚଳର ଆଇନଶୃଙ୍ଖଳା ଓ ସାଧାରଣରେ ଲୋକ କିଭଳି ନ୍ୟାୟ ପାଇବେ ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି।

# ମୁଖ୍ୟ ଚିକିତ୍ସାଧିକାରୀ ଓ ଡାକ୍ତର ମୁହାଁମୁହିଁ

**ଭୂବନ, ୧୪।୨(ସମିସ)**



ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନିକ ଉପସ୍ଥାନକୁ ନେଇ ନୂତନ ନିଯୁକ୍ତ ହୋଇଥିବା ଡାକ୍ତର ଓ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତ ସୃଷ୍ଟି ହୋଇଛି। ଘଟଣାକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ମଠକରଗୋଳା ଠାରେ ଉପସ୍ଥିତ ରହି ଦୀର୍ଘ ୩ଘଣ୍ଟା ତଦନ୍ତ କରିଥିଲେ। ଗତ ୧୯୬୫ ମସିହାରେ ଭୁବନ ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାବେ ମାନ୍ୟତା ପାଇଥିବା ମଠକରଗୋଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରଙ୍କ ଉପସ୍ଥାନକୁ ନେଇ ନୂତନ ନିଯୁକ୍ତ ହୋଇଥିବା ଡାକ୍ତର ଓ ମୁଖ୍ୟ ଚିକତ୍ସାଧିକାରୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତ ଦେଖାଦେଇଛି। ଫଳରେ ଚାରି ଜଣ ନୂତନ ନିଯୁକ୍ତିପ୍ରାପ୍ତ ଡାକ୍ତରଙ୍କ ଲିଖିତ ଅଭିଯୋଗ କ୍ରମେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର ଦିଲ୍ଲୀପ କୁମାର ବିଶ୍ୱାଳ ତଦନ୍ତ କରିଥିଲେ। ତଦନ୍ତ ସମୟରେ ନୂତନ ଭାବେ ନିଯୁକ୍ତି ପାଇଥିବା ୪ ଡାକ୍ତରଙ୍କ ମଧ୍ୟରୁ ଡକ୍ଟର ଜଗନ୍ନାଥ ନାୟକ, ଅଶ୍ୱିନୀ କୁମାର ପ୍ରଧାନ, ସବ୍ୟସାଚୀ ଦେହୁରୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଡକ୍ଟର ଭାଗବତ ମାଝୀ ଉପସ୍ଥିତ ରହି ନିଜ ନିଜର ପକ୍ଷ ରଖିଥିଲେ। ଅପରପକ୍ଷେ ନୂତନ ନିଯୁକ୍ତି ପାଇଥିବା ଡାକ୍ତର ମଧ୍ୟ ସ୍ଥାନୀୟ ସରପଞ୍ଚଙ୍କୁ ଅଭିଯୋଗ କରିଥିଲେ। ଫଳରେ ସରପଞ୍ଚ ଅଜୟ କୁମାର ନାୟକ, ସେବା ସମବାୟ ସମିତି ସଭାପତି ନିରଞ୍ଜନ ବେହେରା, ଗ୍ରାମବାସୀ କାର୍ତ୍ତିକେଶ୍ୱର ନାୟକ, ବେଣୁଧର ନାୟକ, ପ୍ରଶାନ୍ତ କୁମାର ମିଶ୍ର, ବିଭୂତି ଭୂଷଣ ଜେନା, ବଜରଙ୍ଗ କ୍ଲବର ସଦସ୍ୟ ଯଯାତି କେଶରୀ ନାୟକଙ୍କ ସମେତ ବହୁ ଅଭିଯୋଗକାରୀ ଉପସ୍ଥିତ ଥିଲେ। ଡାକ୍ତରଖାନା ପରିସରରେ ୧୫ଟି କ୍ୱାର୍ଟର ଥିବା ବେଳେ ନୂତନ ନିଯୁକ୍ତି ପାଇଥିବା ଡାକ୍ତରମାନଙ୍କୁ ରହିବା ବ୍ୟବସ୍ଥା ଦିଆଯାଉ ନଥିବାରୁ ସେମାନେ ବାହାରେ ଭଡ଼ାଘର ନେବାକୁ ବାଧ ହେଉଛନ୍ତି। ଫଳରେ ଡ୍ୟୁଟି କରିବାରେ ଅସୁବିଧା ଭୋଗୁଛନ୍ତି। ଡାକ୍ତରମାନେ ଜାନୁଆରୀ ମାସରେ କାର୍ଯ୍ୟରେ ଯୋଗ ଦେଇଥିଲେ। ମାତ୍ର ୨୦ଦିନ ମଧ୍ୟରେ କିଭଳି ପରିସ୍ଥିତ ଦେଖାଦେଲା ଯେ, ନୂତନ ଡାକ୍ତରଙ୍କ ସମେତ ଗ୍ରାମବାସୀ ଚିହିଁକି ଉଠିଲେ। ସପ୍ତାହର ୭ଦିନରୁ ୬ଦିନ ଡିଉଟି ଗୋଟିଏ ଦିନ ଛୁଟି ରହିବା କଥା। କିନ୍ତୁ ଉପସ୍ଥାନ ଖାତାରେ ନୂଆ ଡାକ୍ତରମାନେ ମାତ୍ର ୨/୩ ଦିନ ଉପସ୍ଥିତ ରହି ୭ ଦିନର ହାଜିରା ପକାଇବାକୁ ନେଇ ଡାକ୍ତରମାନେ ମୁଖ୍ୟ ଡାକ୍ତରଙ୍କ ସହ ମୁହାଁମୁହିଁ ହୋଇଥିବା କହିଛନ୍ତି। ଅନ୍ୟ ଡାକ୍ତରମାନେ କୁହନ୍ତି କି, ଏହି ଡାକ୍ତରଖାନାରେ ରହିବା ପାଇଁ ସୁବିଧା ନାହିଁ। ଫଳରେ ମୁଖ୍ୟ ଡାକ୍ତର କୁହନ୍ତି କେହିସବୁ ଦିନ ଆସନି, ମାସକୁ ୨ହଜାର ଦେଲେ ବିଲ କରିବି। ଅପର ପକ୍ଷରେ ୨୦୧୩ ମସିହାରୁ ଭାଗବତ ମାଝୀ ଏଠାରେ ରହି ଏମିତି ପରିସ୍ଥିତ ତିଆରି କରିଛନ୍ତି ଯେ, କେହି ଏଠାରେ ରହିବା ପାଇଁ ଚାହୁଁ ନାହାନ୍ତି ବୋଲି ସିଧାସଳଖ ସରପଞ୍ଚ ଅଜୟ କୁମାର ନାୟକ ପ୍ରକାଶ କରିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦିଲ୍ଲୀପ କୁମାର ବିଶ୍ୱାଳ କୁହନ୍ତି, ସମସ୍ତଙ୍କ ଅଭିଯୋଗ ଓ ପ୍ରତି ଅଭିଯୋଗ ଗ୍ରହଣ କରାଯାଇଛି। ଅନେକ ସ୍ଥାନରେ ୨୦୧୯ ମସିହାର ମେଡିସିନ ଲୋକଙ୍କୁ ବଣ୍ଟନ କରା ନ ଯାଇ ତାଲା ପଡ଼ିରହିଥିବା ସିଡିଏମଓ ଦେଖିବାକୁ ପାଇଥିଲେ। ସମସ୍ୟାର ସମାଧାନ ନିମନ୍ତେ ପ୍ରଶାସନ ପକ୍ଷରୁ ଚେଷ୍ଟା ଜାରିରହିଛି ବୋଲି ଜଣାପଡ଼ିଛି।

# ହରିଶ୍ଚନ୍ଦ୍ର ଯୋଜନାର ସହାୟତା ରାଶି ପ୍ରଦାନ



**କାମାକ୍ଷାନଗର, ୧୪।୨(ସମିସ):** ଢେଙ୍କାନାଳ ଜିଲ୍ଲାର କଙ୍କଡ଼ାହାଡ଼ ବ୍ଲକ ଅନ୍ତର୍ଗତ ଦଶିପୁର ପଞ୍ଚାୟତ କୁସୁମୁଣ୍ଡିଆ ଗ୍ରାମର ଜଣେ ନବ ବଧୂର ମୃତ୍ୟୁ ଖବର ପାଇ ଦଶିପୁର ସରପଞ୍ଚ ଗ୍ରାମରେ ପହଞ୍ଚି ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାର ସହାୟତା ରାଶି ପ୍ରଦାନ କରିଥିବା ଜଣାପଡ଼ିଛି। କୁସୁମୁଣ୍ଡିଆ ଗାଁର ଅନିଲ କୁମାର ନାଏକଙ୍କ ପତ୍ନୀ ଟୁନି ନାଏକଙ୍କ ଅକାଳ ମୃତ୍ୟୁ ଘଟିଥିଲା। ମୃତ୍ୟୁ ଖବର ପାଇ ସ୍ଥାନୀୟ ସରପଞ୍ଚ ସୁଧୀର କୁମାର ପାଲ ଅନିଲ ନାଏକଙ୍କ ବାସଭବନରେ ପହଞ୍ଚି ସରକାର ତରଫରୁ ହରିଶ୍ଚନ୍ଦ୍ର ଯୋଜନାରେ ମିଳୁଥିବା ସହାୟତା ରାଶି ପ୍ରଦାନ କରିଥିଲେ। ସରକାର ତରଫରୁ ହରିଶ୍ଚନ୍ଦ୍ର ଯୋଜନାର ୩ ହଜାର ଟଙ୍କା ପ୍ରଦାନ କରାଯାଉଛି।

# ବଡ଼ଜେନା ଉଚ୍ଚ ବିଦ୍ୟାଳୟରେ ସରସ୍ୱତୀ ପୂଜା



**ଢେଙ୍କାନାଳ,୧୪।୨ (ସମିସ):** ସ୍ଥାନୀୟ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟରେ ପବିତ୍ର ସରସ୍ୱତୀ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳ ସହିତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ସମସ୍ତ କର୍ମଚାରୀ ଓ ପରିଚାଳନା କମିଟିର ସଭାପତି, ଉପସଭାପତି ଓ ସମସ୍ତ ସଭ୍ୟା, ସଭ୍ୟଙ୍କ ମିଳିତ ସହଯୋଗରେ ବିଦ୍ୟାଦାତ୍ରୀଙ୍କ ପୂଜନ କରାଯାଇଥିଲା। ଏହି ପୂଜାରେ ପୁରାତନ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ।

# ନେତାଜୀ କ୍ଲବ ତରଫରୁ ସରସ୍ୱତୀ ପୂଜା ପାଳିତ



**ଢେଙ୍କନାଳ, ୧୪।୨ (ସମିସ):** ସ୍ଥାନୀୟ ଦେଉଳସାହିସ୍ଥିତ ଜୁବୁଲିଟାଉନ୍ ଠାରେ ନେତାଜୀ କ୍ଲବ୍ ତରଫରୁ ସରସ୍ୱତୀ ପୂଜା ଅନୁଷ୍ଠିତ ହୋଇଯାଇଛି। ସକାଳ ୧୦ ଘଟିକାରେ ମା' ସରସ୍ୱତୀଙ୍କ ପୂଜାର୍ଚ୍ଚନା କରାଯାଇ ଚକ୍ଷୁଦାନ କରାଯାଇଥିଲା। ପରେ ବ୍ରାହ୍ମଣଙ୍କ ଦ୍ୱାରା ହୋମ କରାଯାଇଥିଲା। କ୍ଲବ୍ର ସଦସ୍ୟମାନେ ବିଭିନ୍ନ ଭୋଗରାଗ ଲାଗି କରି ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଉକ୍ତ ଉତ୍ସବକୁ କ୍ଲବ୍ର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

## ରାଇଜିଂ ଷ୍ଟାର୍ କ୍ଲବ ତରଫରୁ ସରସ୍ୱତୀ ପୂଜା

**ଢେଙ୍କନାଳ:** ସ୍ଥାନୀୟ କୁମ୍ଭାରସାହିସ୍ଥିତ ରାଇଜିଂ ଷ୍ଟାର କ୍ଲବ୍ ତରଫରୁ ସରସ୍ୱତୀ ପୂଜା ପାଳିତ ହୋଇଯାଇଅଛି। ସକାଳ ୧୦ ଘଟିକାରେ ମା'ସରସ୍ୱତୀଙ୍କର ପୂଜାର୍ଚ୍ଚନା କରାଯାଇ ଚକ୍ଷୁଦାନ କରାଯାଇଥିଲା। ପରେ ବ୍ରାହ୍ମଣଙ୍କ ଦ୍ୱାରା ହୋମ କରାଯାଇଥିଲା। କ୍ଲବ୍ର ସଦସ୍ୟମାନେ ବିଭିନ୍ନ ଭୋଗରାଗ ଲାଗି କରି ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଉକ୍ତ ଉତ୍ସବକୁ କ୍ଲବ୍ର ସମସ୍ତ ସଦସ୍ୟମାନେ ପରିଚାଳନା କରିଥିଲେ।

# ତ୍ରିନାଥ ଦେବଙ୍କ ସପ୍ତମ ବାର୍ଷିକ ଉତ୍ସବ ପାଳିତ

**ଢେଙ୍କନାଳ, ୧୪।୨(ସମିସ):** ସ୍ଥାନୀୟ ରଥଗଡ଼ା ଦୈନିକ ଫଳ ଓ ପରିବା ମାର୍କେଟ୍ ବ୍ୟବସାୟୀମାନଙ୍କ ଉଦ୍ୟମରେ ତ୍ରିନାଥ ଦେବଙ୍କ ସପ୍ତମ ବାର୍ଷିକ ଉତ୍ସବ ମହାଆଡ଼ମ୍ବର ସହିତ ଅଦ୍ୟ ଶ୍ରୀପଞ୍ଚମୀ ଅବସରରେ ପାଳନ ହୋଇଯାଇଛି। ପ୍ରଥମେ ତ୍ରିନାଥ ଦେବଙ୍କ ମଙ୍ଗଳ ଆଳତି, ଷୋଡ଼ଶ ପୂଜା, ଯଜ୍ଞ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଭୋଗରାଗ ଲାଗି କରାଯିବା ସହିତ ସଂଧ୍ୟାରେ ଆଳତି କରାଯାଇଥିଲା। ଏହି ଉତ୍ସବରେ ଢେଙ୍କାନାଳ ଜିଲ୍ଲାର ମହାପଦା ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଓ ନରସିଂହପୁର କମଳାଡ଼ିହ ଗ୍ରାମର ରଶ୍ମିତା ସାହୁ ଓ ନରସିଂହପୁର ଅଲରା ଗ୍ରାମର ମାମିନା ମହାନ୍ତିଙ୍କ ମାତୃମଣ୍ଡଳୀ ସଂକୀର୍ତ୍ତନ ଦ୍ୱାରା ବାଦୀ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଏହାକୁ ଭକ୍ତମାନେ ମନଭରି ଉପଭୋଗ କରିଥିଲେ। ମଧ୍ୟାହ୍ନ ସମୟରେ ବହୁ ସଂଖ୍ୟାରେ ଭକ୍ତ ପ୍ରସାଦ ସେବନ କରିଥିଲେ। ଉକ୍ତ ପୂଜାକୁ ପଣ୍ଡିତଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିବା ବେଳେ କର୍ତ୍ତା ଭାବେ ରାଧାକାନ୍ତ ବେହେରା ଉପସ୍ଥିତ ଥିଲେ। ସଭାପତି ବିମଳ କୁମାର ସାହୁ, ସମ୍ପାଦକ ସୁରେଶ ସାହୁ, ଅଭୟ କୁମାର ସାହୁ, ଜଟନ ବିଶ୍ୱାଳ, ଅଲେଖ ନାୟକ, ପ୍ରମୋଦ ସାହୁ, ରମେଶ ଭୋଳ, ରଞ୍ଜନ କୁମାର ବେହେରା, ପ୍ରସନ୍ନ କୁମାର ସାହୁ, ଦୁଃଶାସନ ଚାନ୍ଦ, ବ୍ରଜ ସାହୁଙ୍କ ସହିତ ସମସ୍ତ ଫଳ ଓ ପରିବା ବ୍ୟବସାୟୀ ଉପସ୍ଥିତ ରହି କାର୍ଯ୍ୟଟିକୁ ସୁଚାରୁ ରୂପେ ପାଳନ କରିଛନ୍ତି। ବିଷ୍ଣୁ ଚରଣ ସାହୁ ସମସ୍ତ ସାଜସଜାର ଦାୟିତ୍ୱ ନିର୍ବାହ କରିଥିଲେ।



